ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.23 . No.44, Bhubaneswar Tuesday, March 24, 2020 | ୨୩ତମ ବର୍ଷ ସଂଖ୍ୟା-୪୪ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୪, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## କଲୋମ୍ବିଆ ଜେଲରେ ଦଳାଚକଟା, ୨୩ କଏଦୀଙ୍କ ମୃତ୍ୟୁ

ବୋଗୋଟା, ୨୩।୩(ପି.ଏନ): କୋଲମ୍ବିଆର ରାଜଧାନୀ ବୋଗୋଟା ସ୍ଥିତ ଏକ ଜେଲରେ କରୋନା ଭୂତାଣୁକୁ ନେଇ ଭୟରେ ଏଣେ ତେଣେ ଦୌଡିବାରୁ ଦଳଚକଟାରେ ୨୩ କଏଦୀଙ୍କ ମୃତ୍ୟୁ ଘଟିଛି । ଆଇନ ମନ୍ତ୍ରୀ ମାର୍ଗାରିଟା କହିଛନ୍ତି ଯେ, ଏହି ସବୁ କଏସୀ ଜେଲ୍ ଭାଙ୍ଗି ଫେରାର ମାରିବାକୁ ଚେଷ୍ଟା କରୁଥିଲେ । ଏହା ପରେ ହୋଇଥିବା ଦଳଚକାଟରେ ୨୩ କଏଦୀଙ୍କ ମୃତ୍ୟୁ ଘଟିଛି ଏବଂ ୮୩ ଜଣ ଆହତ ହୋଇଛନ୍ତି । ୩୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ୭ ଜଣ ଜେଲ୍ ଗାର୍ଡ ଓ ନ୍ୟାସନାଲ ପେନିଟେନ୍ସରୀ ଓ ପ୍ରିଜନ ଇନଷ୍ଟିଚ୍ୟୁୟରଟ ଅଧିକାରୀ ମଧ୍ୟ ସାମିଲ । ଆଇନ ମନ୍ତ୍ରୀ କହିଛନ୍ତି ଜେଲରେ ସ୍ୱଚ୍ଛତାକୁ ନେଇ କୌଣସି ସମସ୍ୟା ନାହିଁ । ଏହା ସହିତ ଜେଲରେ ରହୁଥିବା ଅଧିକାରୀ ଓ କଏଦୀଙ୍କ ପାଇଁ କୌଣସି ଅସୁବିଧା ନାହିଁ । ଅଦ୍ୟାବଧି ଜେଲରେ ଜଣେ ହେଲେ କରୋନାରେ ସଂକ୍ରମିତ ହୋଇ ନାହାନ୍ତି । ଉଲ୍ଲେଖନୀୟ, କରୋନା ଭାଇରସକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମହାମାରୀ ଘୋଷିତ କରି ସାରିଛି । ଚୀନର ଉହାନ ସହରରୁ ବ୍ୟାପିଥିବା ଏହି ଭାଇରସ ସମଗ୍ର ବିଶ୍ୱକୁ ବ୍ୟାପି ଯାଇଛି । ବଡ ସଂଖ୍ୟାରେ ଲୋକ ଏଥିରେ ସଂକ୍ରମିତ ହେବା ସହିତ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହାର ପ୍ରତିରୋଧ ପାଇଁ ଅନେକ ଦେଶ ଲକ ଡାଉନ ମଧ୍ୟ କରିଛନ୍ତି ।

## ଓଡିଶାରୁ ଅନ୍ୟରାଜ୍ୟକୁ ବସ୍ ଚଳାଚଳ ବନ୍ଦ

ଭୁବନେଶ୍ୱର , ୨୩।୩(ପି.ଏନ): ସୋମବାର ପୂର୍ବାହ୍ନ ୧୧ଟାରୁ ଆନ୍ତଃ ରାଜ୍ୟ ବସ ଚଳାଚଳକୁ ବନ୍ଦ କରି ଦିଆ ଯାଇଛି । ପରବର୍ତୀ ଆଦେଶ ଯାଏ ଏହି ଆନ୍ତଃ ରାଜ୍ୟ ବସ ଚଳାଚଳ ବନ୍ଦ ରହିବ । ଉଲ୍ଲେଖନୀୟ ଯେ ରବିବାର ଦିନ ରାଜ୍ୟ ସରକାର ରାଜ୍ୟରୁ ଯାଉଥିବା ଓ ରାଜ୍ୟ ବାହାରୁ ଆସୁଥିବା ସମସ୍ତ ଆନ୍ତଃରାଜ୍ୟ ବସ୍ ଚଳାଚଳକୁ ପରବର୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବାତିଲ କରିବାକୁ ନିଷ୍ପତି ନେଇଥିଲେ । ଏହି ନିଷ୍ପତିରେ ରାଜ୍ୟ ସରକାର କହିଥିଲେ ଯେ ସୋମବାର ପୂର୍ବାହ୍ନ ୧୧ଟା ପରେ ଓଡ଼ିଶାକୁ ବାହାର ରାଜ୍ୟର କୌଣସି ବସ୍କୁ ଗନ୍ତବ୍ୟ ସ୍ଥଳରେ ପହଂଚାଇବାକୁ ଅନୁମତି ଦିଆଯିବ ନାହିଁ । ସେହିପରି ଓଡ଼ିଶାରୁ ଅନ୍ୟ ରାଜ୍ୟକୁ କୌଣସି ଆନ୍ତଃରାଜ୍ୟ ବସ୍ ଚଳାଚଳ କରିବ ନାହିଁ । ସେହିପରି ଦ୍ରବ୍ୟ ଓ ସେବା ନିମନ୍ତେ ଓଡ଼ିଶା ସରକାର ଏକ ରାଜ୍ୟସ୍ତରୀୟ ମନିଟରିଂ ୟୁନିଟ୍ ଗଠନ କରିଛନ୍ତି । ଏହି କମିଟି ଆବଶ୍ୟକତା ଆକଳନ କରିବା ସହିତ ବିଭିନ୍ନ ଦ୍ରବ୍ୟର ପରିବହନକୁ ତଦାରଖ କରିବ ଏବଂ ପ୍ରତିବନ୍ଧକ ଦୂର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏହା ମଧ୍ୟ ବ୍ୟବସାୟୀ ଓ ପରିବହନସଂପୃକ୍ତ ବ୍ୟକ୍ତ (ଟ୍ରାନ୍ସପୋର୍ଟର) ଙ୍କୁ ନିଜ ନିଜ ସମସ୍ୟା ଉପସ୍ଥାପନ ଓ ସମାଧାନ ନିମନ୍ତେ ସୁଯୋଗ ଦେବ ।



ଗୀତଗୋବିନ୍ଦ ସଦନଠାରେ ରାଜ୍ୟ ଦକ୍ଷତା ଉନ୍ନୟନ କର୍ତ୍ତୃପକ୍ଷ ତଥା କୋଭିଦ-୧୯ର ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କୋରନା ସମ୍ପର୍କିତ ସୂଚନା ପ୍ରଦାନ କରୁଛନ୍ତି

## କରୋନା ଭାଇରସ: ମହାରାଷ୍ଟ୍ରରେ ତୃତୀୟ ମୃତ୍ୟୁ, ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଲା ୮୯ରେ

ମୁମ୍ବାଇ, ୨୩।୩(ପି.ଏନ): ମହାରାଷ୍ଟ୍ରରେ କରୋନା ଭୂତାଣୁରେ ଆଉ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି । ଏହା ସହିତ ରାଜ୍ୟରେ କରୋନଜନିତ ମୃତ୍ୟୁ ସଂଖ୍ୟା ୩ରେ ପହଂଚିଛି । ରୋଗୀ କସ୍ତୁରବା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅନୁଯାୟୀ ଗତ ୨୪ ଘଂଟାରେ ମୁମ୍ବାଇରେ ୧୪ ଓ ପୁଣେରେ ଗୋଟିଏ କରୋନା ମାମଲା ସାମ୍ନାକୁ ଆସିଛି । ଯାହା ଫଳରେ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୮୯ ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି । କରୋନା ଭୂତାଣୁରେ ରବିବାର ୬୮ ବର୍ଷୀୟ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ଫିଲିପାଇନ୍ସର ନାଗରିକ ଥିଲେ ଏବଂ ୧୦ ଜଣଙ୍କ ସହ ଧାର୍ମିକ ଯାତ୍ରାରେ ଭାରତ ଆସିଥିଲେ । ନଭି ମୁମ୍ବାଇର ମଜସିଦରେ ଏହି ସବୁ ଲୋକ ରହିଥିଲେ ଏବଂ ଦିଲ୍ଲୀରେ ମଧ୍ୟ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଚାରି ଜଣଙ୍କୁ ସମ୍ଭାବିତ କରୋନା ରୋଗୀ ହିସାବରେ ମାର୍ଚ୍ଚ ୧୦ରେ କସ୍ତୁରବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାର୍ଚ୍ଚ ୧୨ରେ ଏମାନେ ସବୁ କରୋନା ପଜିଟିଭ ଥିବା ପରୀକ୍ଷାରୁ ଜଣା ପଡିଥିଲା । ରବିବାର ବିଳମ୍ବିତ ରାତ୍ରିରେ କସ୍ତୁରବା ହସ୍ପିଟାଲରେ ଜଣେ ରୋଗୀଙ୍କର ମୃତ୍ୟୁ ଘଟିଛି । ହସ୍ପିଟାଲ କର୍ତ୍ତୃପକ୍ଷ ଫିଲିପାଇନ୍ସ ନାଗରିକଙ୍କ ସଂପର୍କରେ ଆସିଥିବା ଲୋକଙ୍କୁ ମଧ୍ୟ ଯାଂଚ କରୁଛି । ଏହା ପୂର୍ବରୁ କସ୍ତୁରବା ହସ୍ପିଟାଲରେ ଜଣେ ଏବଂ ଏଚ.ଏନ ରିଲାୟନ୍ସ ହସ୍ପିଟାଲରେ ଦୁଇ ଜଣ ବ୍ୟକ୍ତିଙ୍କ କରୋନା କାରଣରୁ ମୃତ୍ୟୁ ଘଟି ସାରିଛି । ରବିବାର ତୃତୀୟ ବ୍ୟକ୍ତିଙ୍କ ମୃତ୍ୟୁ ହେବାରୁ ସହରବାସୀ ଭୟଭୀତ ହୋଇ ପଡିଛନ୍ତି । ସ୍ଥିତି ଚିନ୍ତାଜନକ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଓ ଲୋକଙ୍କୁ ସତର୍କ ରହିବାକୁ ଅପିଲ କରିଛନ୍ତି ।

## ଲକ୍ ଡାଉନ୍ ଜିଲ୍ଲାରେ ସକାଳ ୧୦ରୁ ଦିନ ୨ ଟା ଖୋଲା ରହିବ ବ୍ୟାଙ୍କ୍

ଭୁବନେଶ୍ୱର, ୨୩।୩(ପି.ଏନ):- କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ଓଡ଼ିଶାର ବ୍ୟାଙ୍କ୍ ଗୁଡ଼ିକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଯେଉଁ ଜିଲ୍ଲା ଏବଂ ସହରାଂଚଳଗୁଡ଼ିକରେ ଲକ୍ ଡାଉନ୍ ବା ତାଲାବନ୍ଦ ଘୋଷଣା କରାଯାଇଛି ସେଠାରେ ବ୍ୟାଙ୍କଗୁଡ଼ିକ ସକାଳ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଖୋଲା ରହିବ । କୌଣସି ପରିସ୍ଥିତିରେ ମଧ୍ୟ ୨ଟା ପୂର୍ବରୁ ବ୍ୟାଙ୍କ ବନ୍ଦ ହେବ ନାହିଁ କିମ୍ବା କାର୍ଯ୍ୟ ଦିବସରେ ବ୍ୟାଙ୍କ ବନ୍ଦ ରହିବ ନାହିଁ । ବ୍ୟାଙ୍କଗୁଡ଼ିକ ନିଜର ସୁବିଧା ଅନୁଯାୟୀ ଅର୍ଥାତ୍ ୨ ଜଣରୁ କମ୍ ବା ୭ ଜଣରୁ ଅଧିକ ଷ୍ଟାଫ୍ ନିୟୋଜିତ କରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି । ସେହିପରି ଏଟିଏମ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ପାଇଁ ନଗଦ ଟଙ୍କା ମହଜୁଦ୍ ରହିବ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନଗଦ ଅର୍ଥ ପଠାଗଲାବେଳେ ପୋଲିସ୍ ସୁରକ୍ଷା ଦିଆଯିବା ସହିତ ସଂପୃକ୍ତ ବ୍ୟାଙ୍କ ମ୍ୟାନେଜର ନିର୍ଦ୍ଧାରିତ ଫର୍ମରେ ସିଲ୍ ଏବଂ ଦସ୍ତଖତ ଥିବା ପାସ୍ କର୍ମଚାରୀଙ୍କୁ ପ୍ରଦାନ କରିବେ ଏବଂ ସେମାନେ ନିଜର ପରିଚୟ ପତ୍ର ପୋଲିସ୍‌କୁ ଦେଖାଇବେ । ବ୍ୟାଙ୍କମାନେ ସେମାନଙ୍କର ସୂଚନା ପ୍ରଯୁକ୍ତି ଭିତିଭୂମିକୁ ସବୁ ପରିସ୍ଥିତିରେ ସୁନିଶ୍ଚିତ କରିବେ । ବ୍ୟାଙ୍କମାନେ ଉପଭୋକ୍ତାମାନଙ୍କୁ ବିକଳ୍ପ ମାଧ୍ୟମ ଯଥା ମୋବାଇଲ୍ ବ୍ୟାଙ୍କିଙ୍ଗ୍, ଇଂଟରନେଟ୍ ବ୍ୟାଙ୍କିଂ, ଅନ୍‌ଲାଇନ୍

## କ୍ରେତାମାନଙ୍କୁ ଓଏଚସିପିଏଲର ଅଧକ୍ଷଙ୍କ ଚ□କତା ଅଭିଯୋଗ : ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର , ୨୩।୩(ପି.ଏନ): ସାମପୁର ମୌଜା ସ୍ଥିତ ପ୍ଲଟ ନଂ ୭୮୮/୧୪୪୪ ଉପରେ ଓଡ଼ିଶା ହୋମ୍ସ ଆଣ୍ଡ କମର୍ସିଆଲ ପ୍ରା:ଲିଃ ଦ୍ୱାରା ନିର୍ମିତ 'ଗଣପତି ହୋମ୍ସ' ପାଇଁ ୨୦୧୨ ମସିହାଠାରୁ ପର୍ଯ୍ୟାୟକ୍ରମେ ବିଭିନ୍ନ କ୍ରେତାଙ୍କଠାରୁ ଚୁକ୍ତିଭିତ୍ତିକ ଅର୍ଥ ନେଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରୁନାହିଁ । ଇତିମଧ୍ୟରେ ଦୀର୍ଘ ୭ ବର୍ଷ ବିତିଯାଇଛି । କ୍ରେତାମାନଙ୍କ ସହ ବିଭିନ୍ନ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନେଇ ବହୁ ଆଲୋଚନା କରିବା ସତ୍ତ୍ୱେ ଓଏଚସିପିଏଲର ଚେୟାରମ୍ୟାନ ମନୋଜ ପଣ୍ଡା କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ସବୁଠାରୁ ଉଲ୍ଲେଖନୀୟ ବିଷୟ, ଓଏଚସିପିଏଲ, ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ (ଓବିସି) ଠାରୁ ନେଇଥିବା ଋଣ ଠିକ୍ ସମୟରେ ସମ୍ପୂର୍ଣ୍ଣ ପରିଶୋଧ କରିନଥିବାରୁ 'ଗଣପତି ହୋମ୍ସ'କୁ ଇ-ନିଲାମ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଗତ ୭ ତାରିଖ ପ୍ରମୁଖ ଦୈନିକ ଖବର କାଗଜମାନଙ୍କରେ ନୋଟିସ୍ ଜାରି କରିଛନ୍ତି । ଇ- ନିଲାମ ହେଲେ କ୍ରେତାମାନେ ସେମାନଙ୍କ ପୁଞ୍ଜି ଫେରି ନପାଇବା ଆଶଙ୍କାରେ ଭୟଭୀତ ହୋଇ ପଡ଼ିଛନ୍ତି । ସେମାନେ ଓଏଚସିପିଏଲର ଚେୟାରମ୍ୟାନ ମନୋଜ ପଣ୍ଡାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଏବଂ ତୁରନ୍ତ ଓବିସି ବ୍ୟାଙ୍କ ଦ୍ୱାରା ଡକାଯାଇଥିବା ଇ-ନିଲାମକୁ ରଦ୍ଦ କରାଯାଇ କ୍ରେତାମାନଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ନିବେଦନ କରିଛନ୍ତି ।

## କରୋନା : ୮୫ ନମୂନାରୁ ୮୩ ନେଗେଟିଭ୍

ଭୁବନେଶ୍ୱର, ୨୩।୩(ପି.ଏନ): କରୋନା ସଂକ୍ରମଣ ଆଶଙ୍କାରେ ଓଡିଶାରେ ୮୫ଟି ନମୂନା ପରୀକ୍ଷା ପାଇଁ ଯାଇଥିଲା । ସେଥିରୁ ୨ ଜଣ ହିଁ ପଜିଟିଭ ଅଛନ୍ତି । ଓଡ଼ିଶାରେ ସଂକ୍ରମଣ ଚିହ୍ନଟ ହୋଇଥିବା ୨ ଜଣଙ୍କ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି । ଉଭୟ ହସ୍‌ପିଟାଲ୍‌ରେ ଦିଆଯାଉଥିବା ସାଧାରଣ ଖାଦ୍ୟ ଖାଉଛନ୍ତି । କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ୫୬ ଜଣଙ୍କ ମଧ୍ୟରୁ ୫୩ ଜଣଙ୍କୁ ଚିହ୍ନଟ କରାଯାଇଛି । ଅବଶିଷ୍ଟଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଉଛି । ୯ଟି ମନିଟରିଂ ଟିମ୍ ଏଥି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ରାଜ୍ୟ ସରକାରଙ୍କ କୋଭିଡ୍ - ୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେହିପରି ୧୦୪ ଦ୍ୱାରା ବର୍ତମାନ ସୁଦ୍ଧା ୩୬୬୭ ଜଣ ବିଦେଶୀ ଫେରନ୍ତା ପଂଜୀକରଣ କରିଛନ୍ତି । ଅନ୍ୟପକ୍ଷରେ କୋଭିଡ୍-୧୯ରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୩୫ ଜଣଙ୍କୁ ଡାକ୍ତରଖାନାରେ ଆଇସୋଲେସନ୍‌ରେ ରଖାଯାଇଛି । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଉପସ୍ଥିତ ଥିଲେ।

## ଆସନ୍ତାକାଲିଠାରୁ ରାଜ୍ୟରେ ବସ୍ ଚଳାଚଳ ବନ୍ଦ

ଭୁବନେଶ୍ୱର, ୨୩।୩(ପି.ଏନ): ଆସନ୍ତାକାଲି (ମଙ୍ଗଳବାର) ପୂର୍ବାହ୍ନ ୧୧ ଟା ଠାରୁ ରାଜ୍ୟରେ ସମସ୍ତ ବସ୍ ଚଳାଚଳ ବନ୍ଦ ରହିବ । ସେହିପରି ସୋମବାର ରାତି ୧୨ ଟା ଠାରୁ ସମସ୍ତ ସିଟି ବସ୍ ଚଳାଚଳ ବନ୍ଦ ରହିବ ବୋଲି ରାଜ୍ୟ ସରକାରଙ୍କ କୋଭିଡ୍ - ୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ସୂଚନା ଦେଇଛନ୍ତି ।

## ନ୍ୟୁୟର୍କରେ କରୋନା ଭାଇରସ୍ ଯୋଗୁଁ ସ୍ଥିତି ସଙ୍କଟାପନ୍ନ, ମୃତକଙ୍କ ସଂଖ୍ୟା ବଢୁଛି

### - ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୩୧ ହଜାର ୫୭
### - ୪୦୦ ପ୍ରାଣ ହରାଇଲେଣି

ନ୍ୟୁୟର୍କ, ୨୨୩।୩(ପି.ଏନ): ଆମେରିକାର ବାଣିଜ୍ୟିକ ରାଜଧାନୀ ନ୍ୟୁୟର୍କରେ କରୋନା ଭାଇରସ୍ ଆକ୍ରାନ୍ତରେ ୧ ଘଂଟା ମଧ୍ୟରେ ଜଣେ ରୋଗୀର ମୃତ୍ୟୁ ଡ଼େମୋକ୍ରେଟ ରାଜ୍ୟପାଳ ଏଣ୍ଡ୍ରୟୁ କ୍ୟୁମୋଙ୍କ ନିଦ ହଜାଇ ଦେଇଛି । ସେ ରବିବାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହିତ ଆଲୋଚନା କାଳରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଅଭିଯୋଗ ଆଣିଛନ୍ତି ଯେ, ଡାକ୍ତରଖାନାରେ ଶଯ୍ୟା, ଆଇସିୟୁ, ମେଡ଼ିକାଲ ଉପକରଣ ତଥା ସର୍ଜିକାଲ୍ ଫେସମାସ୍କର ଅଭାବ ରହିଛି । ନ୍ୟୁୟର୍କ ସହରରେ ସ୍ଥିତି ସଙ୍କଟପୂର୍ଣ୍ଣ ରହିଛି । କେଟୁଂକି ସିନେଟର ରେଣ୍ଡ ପାଲ କରୋନା ସଂକ୍ରମଣର ଶିକାର ହୋଇଛନ୍ତି । ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୩୧ ହଜାର ୫୭, ଡ଼ାକ୍ତରଖାନାରେ ଶଯ୍ୟା ଅଭାବରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ ଏଭଳି ଯୁଦ୍ଧକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ନ୍ୟୁୟର୍କରେ ବିପର୍ଯ୍ୟୟ ପରିଚାଳନା ସ୍ଥିତି ଘୋଷଣା କରିଛନ୍ତି । ଏବଂ ସେଠାରେ ଅତିଶୀଘ୍ର ଜରୁରୀ କାଳୀନ ମେଡ଼ିକାଲ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ୱାସିଂଟନ ଓ କାଲିଫର୍ଣ୍ଣିଆରେ ମଧ୍ୟ ବିପର୍ଯ୍ୟୟ ପରିଚାଳନା ସ୍ଥିତିର ସମୀକ୍ଷା କରିବା ସହ ସେଠାରେ ଗୋଟିଏ ଲେଖାଏଁ ମେଡ଼ିକାଲ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆମେରିକାରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବର୍ତମାନ ସୁଦ୍ଧା ୩୧ ହଜାର ୫୭ ରହିଛି । ତନ୍ମଧ୍ୟରୁ ୧୫ ହଜାର ୧୬୮ ନ୍ୟୁୟର୍କର ରହିଛନ୍ତି । ରବିବାର ଅପରାହ୍ନ ସୁଦ୍ଧା ଏହି ଆକଳନ କରାଯାଇଛି । ଆମେରିକାରେ ବର୍ତମାନ ସୁଦ୍ଧା କୋଭିଡ୍ -୧୯ ରେ ୪୦୦ ଲୋକ ପ୍ରାଣ ହରାଇଲେଣି । ତନ୍ମଧ୍ୟରୁ ସବୁଠୁ ଅଧିକ ମୃତକ ନ୍ୟୁୟର୍କର ରହିଛନ୍ତି । ନ୍ୟୁୟର୍କର ୨୫୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ପ୍ରାଣ ହରାଇଥିବା ବେଳେ ୱାସିଂଟନରେ ୯୪ ଏବଂ କାଲିଫର୍ଣ୍ଣିଆରେ ୨୮ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ନ୍ୟୁୟର୍କରେ ନିର୍ମାଣ ହେବ ଦୁଇ ହଜାର ଶଯ୍ୟା ବିଶିଷ୍ଟ ହସ୍ପିଟାଲ ହ୍ୱାଇଟ୍ ହାଉସରେ ରବିବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇ କୁହାଯାଇଛି ଯେ, ନେସନାଲ କୋଷ୍ଟ ଗାର୍ଡ଼ ପକ୍ଷରୁ ଏହି ତିନୋଟି ପ୍ରଦେଶରେ ଦୁଇ ହଜାର ଶଯ୍ୟା ବିଶିଷ୍ଟ ଗୋଟିଏ ଲେଖାଏଁ ହସ୍ପିଟାଲ ନିର୍ମାଣ କରାଯିବ । ନ୍ୟୁୟର୍କର ମ୍ୟାନହଟନରେ ମେଡିକାଲ ଷ୍ଟେସନ ନିର୍ମାଣ କରାଯିବ । ଏକ ପ୍ରଶ୍ନର ଉତର ଦେଇ ଡ଼େମୋକ୍ରେଟ ରାଜ୍ୟପାଳ ଏଣ୍ଡ୍ରୟୁ କ୍ୟୁମୋ କହିଥିଲେ ଯେ, ଆମେରିକାର ଫେଡେରାଲ ଜେଲରେ ବନ୍ଦୀ ଥିବା ଅହିଂସକ କଏଦୀ ମାନଙ୍କୁ ମୁକ୍ତ କରାଯିବା ଉପରେ ବିଚାର କରାଯିବ । ଚୀନ ବେଳ ଥାଉଁ କରୋନା ଭାଇରସ୍ ବାବଦରେ ସୂଚନା ଦେଇନଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ମଧ୍ୟ ଏ ସମ୍ପର୍କରେ ଡ଼ିସେମ୍ବର ୩୧ ତାରିଖରେ ସୂଚନା ଦିଆଯାଇଥିବା ସେ କହିଥିଲେ ।




## କମିଶନରେଟ୍ ପୋଲିସ୍ ର ନିର୍ଦ୍ଦେଶ: ଜରୁରୀ କାମରେ ବାହାରକୁ ବାହାରିଲେ ପୋଲିସ୍‌ଠାରୁ ପାସ୍ ନେବା ବାଧ୍ୟତାମୂଳକ

ଭୁବନେଶ୍ୱର, ୨୩।୩(ପି.ଏନ): ଲକ୍ ଡାଉନ୍ ସମୟରେ ବାହାରକୁ ଯିବାକୁ ଚାହୁଁଥିଲେ ଟ୍ୱିନ୍ ସିଟି ବାସୀଙ୍କୁ କମିଶନରେଟ୍ ପୋଲିସ୍ ନିକଟରୁ ପାସ୍ ନେବାକୁ ପଡିବ । ଏଥିପାଇଁ ବାହାରକୁ ଯିବେତ ୧୦୦ ଡାଏଲ କରିବାକୁ ହେବ । ନିୟନ୍ତ୍ରଣ କକ୍ଷରେ ବସିଥିବା ଅଧିକାରୀ ବ୍ୟକ୍ତିଙ୍କୁ କେଉଁଠିକୁ ଯିବାର ଅଛି, କି ପ୍ରକାର ଜରୁରୀ କାମ, ଏ ନେଇ ପଚରା ଉଚରା କରିବେ । ଯଦି କାମ ଜରୁରୀ ବୋଲି ସେ ଅନୁଭବ କରନ୍ତି, ତେବେ ପାସ୍ ପ୍ରଦାନ କରିବେ । ସମ୍ପୃକ୍ତ ବ୍ୟକ୍ତିର ମୋବାଇଲକୁ ଏକ ମେସେଜ୍ ଆସିବ । ଏହି ମେସେଜ୍ ହିଁ ଯାଂଚ ବେଳେ ପାସ୍ ଭାବରେ କାମ କରିବ । ବିନା କାମରେ ଏମର୍ଜେନ୍ସି କହି ଠକିବାକୁ ଚେଷ୍ଟା କରି ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏସମ୍ପର୍କରେ ସୋମବାର କମିଶନରେଟ୍ ପୋଲିସ୍ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରୀ କରାଯାଇଛି । ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ କୋରୋନା ମୁକାବିଲା ଯୁଦ୍ଧରେ ଆମେ ସମସ୍ତେ ଜଣେ ଜଣେ ଯୋଦ୍ଧା । ଏବେ ହିଁ ପ୍ରକୃତ ଯୋଦ୍ଧାର କାମ ଦେଖାଇବା ସମୟ ଆସିଛି । ଅତି ଜରୁରୀ କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ । ପରିବା ପାଇଁ ଗଲେ ଚାଲି ଚାଲି ଯାଆନ୍ତୁ । ଏହାଦ୍ୱାରା ବ୍ୟାୟାମ ହେବ ବୋଲି ପୋଲିସ୍ କମିଶନର ପରାମର୍ଶ ଦେଇଛନ୍ତି । ଆଗାମୀ ୭ଦିନ ପାଇଁ ତାଲା ବନ୍ଦ ସମୟରେ ହସ୍ପିଟାଲ, ବିମାନବନ୍ଦରକୁ ଅତି ଗୁରୁତ୍ୱପୂର୍ଣ୍ଣ କାମକୁ ଯାଉଥିଲେ ସମ୍ପୃକ୍ତ ବ୍ୟକ୍ତି ପୋଲିସଠାରୁ ପାସ ନେବା ବାଧ୍ୟତାମୂଳକ । ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମେଡିକାଲ କାଗଜପତ୍ର, ଏୟାରପୋର୍ଟ ଟିକେଟ ଦେଖାଇବାକୁ ପଡ଼ିବ । ଇନ୍ସପେକ୍ଟର ଓ ଏସିପି ସ୍ତରର ଅଫିସର ଏହି ପାସ ଯୋଗାଇବେ । ନଚେତ୍ ୧୦୦ ଡାଏଲ୍ କରି ଆବଶ୍ୟକ ତଥ୍ୟ ଦେବା ପରେ ପାସ୍ ହାସଲ କରିପାରିବେ ବୋଲି ସେ କହିଛନ୍ତି । ଆସନ୍ତା ମାର୍ଚ୍ଚ ୨୯ ତାରିଖ ରାତି ୯ଟା ପର୍ଯ୍ୟନ୍ତ ତାଲା ବନ୍ଦ ରହିବ । ଯଦି କୌଣସି ଅଫିସରେ ଜରୁରୀ କାମ ଥାଏ, ତା'ହେଲେ ଯେତେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ କାମ କରିପାରିବେ ସେହି ସମ୍ପର୍କରେ ଅଫିସ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ । ବେପରୁଆ ହେଲେ ସ୍ଥିତି ବିଗିଡ଼ିଯିବ । ଏଭଳି ସ୍ଥିତିକୁ ନଜରରେ ରଖି ବାରାକ୍ ରେ ପୋଲିସ କର୍ମଚାରୀଙ୍କୁ ଅଧିକ ସଚେତନ ହେବା ପାଇଁ କୁହାଯାଇଛି ।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୨ ଓ ୨୩ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ









ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ। ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା। ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ। ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର। ଏଥିରେ ଆମକୁ ଯାଂଚ କରିପାରିବ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ। ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ, ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା। କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା। ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ। ତାଙ୍କ ଚେହେରାରେ କ୍ରୋଧ ସ୍ୱଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା। ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି। ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ। ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି। ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ। ସନ୍ଥ ନାମଦେବ ବୁଝିପାରିଲେ। ନିଜ ଭିତରେ ଅହଂକାର ମରିଗଲା। ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା। ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଚ୍ଲା। ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା। ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି। ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି। ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି। ଓସଟାନାର ଲୋକସଂଖ୍ୟା ୮୪। ଏବେ ଏହି ସଂଖ୍ୟା ୮୫ ହୋଇଛି। ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି। ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି। ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ। ଧୀରେ ଦୀରେ ଜନସଂଖ୍ୟା କମିଲା। ୧୯୭୫ରେ ଜନ୍ମହାର ବହୁତ କମିଲା। ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ। ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି। ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି। ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ। ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ। ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ। ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ। ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ। ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ। ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା। ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି। କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ। ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି। ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି। କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି। ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି। ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ। କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ପ୍ରଶିକ୍ଷଣ ଅଭାବରୁ ଯାଉଛି ଜୀବନ



ଆଜିର ସମୟର କଥା ଯାହା ଜଣେ ଘରୁ ବାହାରିବା ପରେ ସୁରକ୍ଷିତ ଭାବେ ଯେ ଫେରିବ ଏହି ଗ୍ୟାରେଣ୍ଟି କେହି ବି ଦେଇପାରିବେ ନାହିଁ ! ରୋଗବ୍ୟାଧି ଅପେକ୍ଷା ସଡ଼କ ଦୁର୍ଘଟଣା ବର୍ତ୍ତମାନ ସମୟର ମର୍ମନ୍ତୁଦ ପ୍ରମୁଖ ମରଣ ଯନ୍ତା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଶ୍ୱ ରୋଡ଼ ସେଫ୍ଟି ଆୱାରନେସ ସଙ୍ଗଠନର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣା ହେତୁ ବିଶ୍ୱରେ ପ୍ରତି ୨୩ ସେକେଣ୍ଡରେ ଜଣଙ୍କର ଜୀବନ ଯାଉଛି। ସବୁଠାରୁ ଅଭାବନୀୟ ଘଟଣା ହେଉଛି ଅଧିକାଂଶ ଶିଶୁ ଓ ଯୁବପିଢ଼ୀ ରୋଗବ୍ୟାଧି ନୁହେଁ ସଡ଼କ ଦୁର୍ଘଟଣା ପାଇଁ ଜୀବନ ହରାଉଛନ୍ତି। ଅନ୍ୟ ଦେଶ ତୁଳନାରେ ଭାରତରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ। ସମଗ୍ର ବିଶ୍ୱରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଅତି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ୨୦୧୩ ମସିହାରେ ୧.୨୫ ନିୟୁତ ଲୋକଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ହୋଇଥିବାବେଳେ ୨୦୧୬ରେ ଏହି ସଂଖ୍ୟା ୧.୩୫ ନିୟୁତକୁ ବୃଦ୍ଧି ପାଇଛି। ସବୁଠାରୁ ଉଦ୍‌ବେଗଜନକ ଚିତ୍ର ହେଉଛି ସଡ଼କ ଦୁର୍ଘଟଣା ହେତୁ ଜୀବନ ହାରୁ ଥିବା ପ୍ରତି ୯ଜଣରେ ଜଣେ ଭାରତୀୟ। ସେହିପରି ୫ରୁ ୨୯ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ସଡ଼କ ଦୁର୍ଘଟଣା ମୃତ୍ୟୁର ବଡ଼ କାରଣ। ଶିଶୁ ସ୍ୱାସ୍ଥ୍ୟ ଏଜେଣ୍ଡାରେ ଏହାକୁ ଅଣଦେଖା କରାଯାଉଛି ଏ ନେଇ ପରିବର୍ତ୍ତନର ଜରୁରୀ ଆବଶ୍ୟକତା ରହିଛି। ଦୁଇଚକିଆ ଯାନ ଓ ଟ୍ରକ, ବସ୍ ଗୁଡ଼ିକ ଅଧିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସଡ଼କ ସୁରକ୍ଷା ନୀତିନିୟମର ସଠିକ କାର୍ଯ୍ୟକ୍ରମ ନ ହୋଇପାରିବାରୁ ଦୁର୍ଘଟଣା ବଢୁଛି। ୨୦୧୬ରେ ଭାରତରେ ସଡ଼କ ଦୁର୍ଘଟଣା ହେତୁ ୧,୫୦,୭୮୫ ମୃତ୍ୟୁ ହୋଇଛି ବୋଲି ସରକାରୀ ରିପୋର୍ଟ କହୁଥିଲେ ବି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କିନ୍ତୁ ତଥ୍ୟ ରଖିଛି ଏହି ମୃତ୍ୟୁ ସଂଖ୍ୟା ହେଉଛି ୩ଲକ୍ଷ। ମୃତ୍ୟୁ ସଂଖ୍ୟା ଠାରୁ ଆହୁରି ଦୁଃଖଦ ଚିତ୍ର ହେଉଛି ବିକଳାଙ୍ଗ ହୋଇଯାଉଥିବା ଗୁରୁତର ଆହାତଙ୍କ ସଂଖ୍ୟା। ସେମାନଙ୍କ ସଂଖ୍ୟା ୬ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ଏହି ରିପୋର୍ଟରେ ତଥ୍ୟ ରହିଛି। ଏଭଳି ପରିସଂଖ୍ୟାନ ନିଶ୍ଚିତ ରୂପେ ଉଦ୍‌ବେଗ ସୃଷ୍ଟି କରିବା ଭଳି ତଥ୍ୟ। ପ୍ରଥମଥର ପାଇଁ ସରକାର ଦୁର୍ଘଟଣାର କାରଣ ଓ ଦୁର୍ଘଟଣାର ଶିକାର ହେଉଥିବା ଲୋକମାନଙ୍କ ପରବର୍ତ୍ତୀ ଅବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଥିବା ପରି ମନେହୁଏ। ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଥିବା ରାଜ୍ୟମାନଙ୍କ ତାଲିକାରେ ଉତ୍ତରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ରାଜସ୍ଥାନ ରହିଥିବାବେଳେ ଦୁର୍ଘଟଣାପ୍ରବଣ ମେଗା ସିଟି ତାଲିକାରେ ରାଜଧାନୀ ଦିଲ୍ଲୀ ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ରହିଛନ୍ତି ଭୋପାଳ ଓ ଜୟପୁର। ଏଭଳି ପରିସଂଖ୍ୟାନ ଯେତିକି ଚିନ୍ତାର ବିଷୟ ନୁହେଁ, ତା'ଠାରୁ ଅଧିକ ଉଦ୍‌ବେଗର କାରଣ ହେଉଛି ଭାରତ ଦିନକୁ ଦିନ ଏକ ଦୁର୍ଘଟଣାପ୍ରବଣ ଦେଶରେ ପରିଣତ ହେବାକୁ ଯାଉଛି। ଆଗରୁ ଏହି ସ୍ଥିତି ସାଂଘାତିକ ଅବସ୍ଥା ସୃଷ୍ଟି କରିବ ଯାହାକୁ ନିୟନ୍ତ୍ରଣ କରିବା ସରକାରଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିବ। ସଡ଼କ ଦୁର୍ଘଟଣା ପରବର୍ତ୍ତୀ ମୁମୂର୍ଷୁଙ୍କ ପାଇଁ ପ୍ରତି ମିନିଟର ଅତୀବ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ରହିଛି, କିନ୍ତୁ ସରକାରୀ ହେଉ ବା ବେସରକାରୀ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଟ୍ରଉମା କେୟାର ସେଣ୍ଟର ବା ଆବଶ୍ୟକୀୟ ଚିକିତ୍ସା ସେବା ବ୍ୟବସ୍ଥା ନାହିଁ। ବିଦେଶରେ ପ୍ରତି ଦ୍ରୁତଗାମୀ ସଡ଼କର ୩୦-୪୦ କିଲୋମିଟର ଅବଧି ଭିତରେ ସରକାରୀ ଟ୍ରଉମା ସେଣ୍ଟର ରହିଛି। ଭାରତରେ ଯେଉଁ କେତେକ ସ୍ଥାନରେ ଏହା ବି ରହିଛି କେଉଁଠି ବିଶେଷଜ୍ଞ ନାହାଁନ୍ତି ତ କେଉଁଠି ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ଚିକିତ୍ସା ବିଜ୍ଞାନ ସେବା ଭିତରେ ଆମେ ଭଲ ଭାବେ ଜାଣିଛୁ ଅଧାରୁ ଊର୍ଦ୍ଧ୍ୱ ମୁମୂର୍ଷୁ ଚିକିତ୍ସା ବିଳମ୍ବ ପାଇଁ ମୃତ୍ୟୁକୁ ସାମ୍ନା କରିଥାନ୍ତି କିମ୍ବା ଜୀବନ ତମାମ ବିକଳାଙ୍ଗତାକୁ ସାମ୍ନା କରିଥାନ୍ତି। ଏ ଦିଗକୁ ଜରୁରୀ ଭାବେ ଦୃଷ୍ଟି ଦେବା କଥା। ଏବେ ବାସ୍ତବ ପୃଷ୍ଠଭୂମିକୁ ଆସିବା। ବିଶ୍ୱର ଅନ୍ୟସବୁ ଦେଶରେ ତ ପ୍ରାଚୁର୍ଯ୍ୟ ବଢୁଛି। ସେଥିସହ ସେ ଦେଶରେ ଯାନବାହାନ ଚଳାଚଳ ନିଶ୍ଚିତ ରୂପେ ବଢୁଥିବ। ସେସବୁ ଦେଶରେ ତା'ହେଲେ ଏହି ମାତ୍ରାରେ ଦୁର୍ଘଟଣା ବଢ଼ିବା କଥା। ହେଲେ ବାସ୍ତବ ଚିତ୍ର ତାହା ନୁହେଁ। କିନ୍ତୁ ଭାରତ ଏବେ ବିଶ୍ୱର ଅନ୍ୟତମ ଦୁର୍ଘଟଣାପ୍ରବଣ ରାଷ୍ଟ୍ରରେ ପରିଣତ ହୋଇଛି ଓ ଖୁବ୍ ଶୀଘ୍ର ଏହା ହୁଏତ ଏକନମ୍ବର ସ୍ଥାନ ଅଧିକାର କରିପାରେ। ପୂର୍ବବର୍ଣ୍ଣିତ ତଥ୍ୟରୁ ଜଣାପଡ଼ିଛି, ବିପଜ୍ଜନକ ବେଗରେ ଓ ଦାୟିତ୍ୱହୀନ ଭାବେ ଯାନବାହନ ଚାଳନା ଭାରତରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଯଦି ଏହା ସତ୍ୟ ହୋଇଥାଏ, ତା'ହେଲେ ଆମକୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଅଧିକାଂଶ ଦୁର୍ଘଟଣା ମାନବକୃତ। କାରଣ ନିଜର ଯାନଟିକୁ କେଉଁ ପ୍ରକାରେ ସର୍ବସାଧାରଣ ରାସ୍ତାରେ ଚଳାଇବାକୁ ପଡ଼ିବ ଓ ତାହାକୁ କିପରି ଭାବେ ନିୟନ୍ତ୍ରଣ ରଖାଯିବ ସେକଥା ହୁଏତ ପରାମର୍ଶ ଦିଆଯାଇପାରେ, କିନ୍ତୁ ତାକୁ ମାନି ଗାଡ଼ିଚାଳନା କରିବା ଦାୟିତ୍ୱ ଆମ ସମସ୍ତଙ୍କର। ବେଳେବେଳେ ଏପରି ଘଟେ ଯେ ଏହା ଏକ ସାମୁହିକ ଦାୟିତ୍ୱ ବୋଲି ଭାବି ଆମେ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥାଉ। ଏହା ଏକ ବିପଜ୍ଜନକ ଓ ରୁଗ୍ଣ ମାନସିକତା। ଏ ବିକୃତି ଆମକୁ ଧୀରେ ଧୀରେ ଗୋଟାପଣେ ଗ୍ରାସ କରିବାକୁ ବସିଲାଣି। ୧୯୮୦ ଦଶକରେ ଦେଶରେ ଯାନବାହନ ସଂଖ୍ୟା ଯେତିକି ଥିଲା ଏବେ ତାହା ଶହେଗୁଣ ବଢ଼ି ସାରିଲାଣି। ପ୍ରତିଦିନ ଭାରତୀୟ ସଡ଼କକୁ ପ୍ରାୟ ୧୦ ହଜାରରୁ ଅଧିକ ନୂଆ ଗାଡ଼ି ଓହ୍ଲାଏ। ସେଥିରୁ ଅର୍ଦ୍ଧାଧିକ ହେଲା ଦୁଇଚକିଆ ଯାନ। ଏକଥା ସଡ଼କ ପରିଚାଳନା ବିଶେଷଜ୍ଞମାନେ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ଯେ ଯେଉଁ ସଡ଼କରେ ଅଧିକ ଦୁଇଚକିଆ ଯାନ ଚାଲେ, ସେଠାରେ ଦୁର୍ଘଟଣା ଅଧିକ ଘଟେ। ଭାରତ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏକଥା ସ୍ୱୀକାର୍ଯ୍ୟ ଯେ ଦେଶର ସଡ଼କଗୁଡ଼ିକର ଅବସ୍ଥା ଗୁଣାତ୍ମକ ମାନ ଢ଼େର ବୃଦ୍ଧି ପାଇଛି। କିନ୍ତୁ ଏହାର ମଧ୍ୟ ଏକ ବିପରୀତମୁଖୀ ପ୍ରଭାବ ରହିଛି। ତାହା ହେଲା ସଡ଼କ ଭଲ ହେଲେ ଯାନବାହନର ବେଗ ମାତ୍ରାଧିକ ଭାବେ ବଢ଼ିଯାଉଛି। ଏହି ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦେଶରେ ଘଟୁଥିବା ଦୁଇଚକିଆ ଯାନ ଦୁର୍ଘଟଣାର ସିଂହଭାଗ ହେଲେ ଯୁବଚାଳକ। ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଟ୍ରାଫିକ ନିୟମ ସଂପର୍କରେ ସୀମିତ ଜ୍ଞାନ ଅଥବା ଏହାକୁ ଆଦୌ ନମାନିବା ଦ୍ୱାରା ଏପରି କାଣ୍ଡ ଘଟୁଛି। ସଡ଼କ ଦୁର୍ଘଟଣା ଆମ ଦେଶରେ ପ୍ରତିବର୍ଷ ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କୁ ସାରା ଜୀବନ ପାଇଁ ବିକଳାଙ୍ଗ କରିଦେଉଛି। ତାହା ପୁଣି ମାସ ମାସର ମହାର୍ଘ ଚିକିତ୍ସା ପରେ। କାରଣ ଦୁର୍ଘଟଣାର ଶିକାର ହେଉଥିବା ଅଧିକାଂଶ ଗାଡ଼ି ଚାଳକଙ୍କ ମସ୍ତିଷ୍କରେ ଜୋର ଆଘାତ ଲାଗିଥାଏ। ସେଥିପାଇଁ ସେମାନଙ୍କ ଠାରେ ଅସ୍ତ୍ରୋପଚାର କିମ୍ବା ଦୀର୍ଘଦିନର ଚିକିତ୍ସା କରିବାକୁ ପଡ଼ିଥାଏ। ଏଭଳି ଗୁରୁତର ଆହତଙ୍କ ଚିକିତ୍ସା ସବୁ ସ୍ଥାନରେ ଓ ସମସ୍ତଙ୍କ ପାଇଁ ଏଯାବତ୍ ଉପଲବ୍ଧ ହୋଇପାରିନାହିଁ। ତା'ଛଡ଼ା ଆଜିକାଲି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପ୍ରାୟ ସମାନ ମାତ୍ରାରେ ଗୁରୁତର ଦୁର୍ଘଟଣା ଘଟୁଥିବା ଅଧ୍ୟୟନରୁ ଜଣାପଡ଼ିଛି। ତା' ଅର୍ଥ ଅନିୟନ୍ତ୍ରିତ ଓ କ୍ଷୀପ୍ର ଡ୍ରାଇଭିଂ ହିଁ ଏହାର ଏକମାତ୍ର କାରଣ। ବିଶେଷକରି ଦୁଇଚକିଆ ଯାନ ଓ ଟ୍ରକ ସର୍ବାଧିକ ଦୁର୍ଘଟଣାପ୍ରବଣ ଯାନ ବୋଲି ଜଣାପଡ଼ିଛି। ସମାଜଶାସ୍ତ୍ରୀମାନଙ୍କ ଚିନ୍ତା ଯେ, ଯେହେତୁ ଦୁର୍ଘଟଣାରେ ଅଧିକାଂଶ ଯୁବବର୍ଗର ଲୋକ ଶରବ୍ୟ ହୋଇପଡୁଛନ୍ତି, ସେମାନେ ଚିକିତ୍ସା ପରେ ସୁଦ୍ଧା ସଂପୂର୍ଣ୍ଣ ଉପାର୍ଜନକ୍ଷମ ହୋଇନପାରି ପରିବାର ଓ ଆତ୍ମୀୟଙ୍କ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହେଉଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କର ଆମ ଦେଶରେ ଦାୟିତ୍ୱ ରହିବା ଦରକାର ଯେ ନୂତନ ଭାବରେ ପଞ୍ଜୀକୃତ ହେଉଥିବା ଦୁଇ ଚକିଆ ଅଥବା ଚାରି ଚକିଆ ଯାନ ଚାଳକ ମାନଙ୍କର ସଠିକ ଭାବରେ ଶାରୀରିକ ଓ ମାନସିକ ପରୀକ୍ଷା ହେବା ସହ ଉପଯୁକ୍ତ ତାଲିମ ଦେଇ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରିବା। ଏହା ନହେଲେ ବହୁତ ଅଘଟଣମାନ ନିତିଦିନିଆ ରାସ୍ତା ଦୁର୍ଘଟଣାରେ ଆମେ ଦେଖିବାକୁ ପାଉଛୁ। ତାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଆଜିକାଲି ରାସ୍ତା ପ୍ରଶସ୍ତ ହୋଇ ଛଅଥାକିଆ ଓ ଆଠ ଥାକିଆ ରାସ୍ତା ହେଲାପରେ ବି ଗାଡ଼ି ଚାଳକମାନଙ୍କର କେଉଁ ଲେନ୍‌ରେ କେଉଁ ଗାଡ଼ି ଯିବାକଥା ତାହା ଧାରଣା ନାହିଁ। ଯାହାଦ୍ୱାରା ଦୁଇଚକିଆ ଗାଡ଼ି ଚାଳକମାନେ ବହୁତ ସମୟରେ ବିନା ହେଲମେଟରେ, ବିନା ସୁ ପିନ୍ଧି, ତିନିଜଣିଆ ମୋଟର ସାଇକେଲରେ ବସି ସ୍ପିଡ ଗାଡ଼ି ବା କାର ପାଇଁ ଉଦ୍ଦିଷ୍ଟ ଥିବା ଟ୍ରାକ୍‌ରେ ଯାଉଛନ୍ତି। ଯାହାଫଳରେ ସାଧାରଣତଃ ସେହିମାନେ ହିଁ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲମେଟ ନଥିବାରୁ ବହୁତ ସମୟରେ ଜୀବନ ହାନି ଘଟିବାର ନଜିର ରହିଛି।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**, କଟିକଟା, ମଙ୍ଗଳପୁର, ଯାଜପୁର

## କରୋନା ପ୍ରତିରୋଧ ପାଇଁ ଆଉ ଦୁଇପାଦ ଆଗେଇଲା ରାଜ୍ୟ ସ୍କାଉଟ ଗାଇଡ୍ ସଂଗଠନ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତ୍ୟେକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ଯଥାଶକ୍ତି ସହାୟତା ପ୍ରଦାନ କରିଆସିଛି। ଅଧୁନା ମହାମାରି ରୂପ ନେଇଥିବା କରୋନା ଭାଇରସର ମୁକାବିଲା ପାଇଁ ମଧ୍ୟ ରାଜ୍ୟ ସଂଗଠନ ତାହାର କାର୍ଯ୍ୟ ଅବ୍ୟାହତ ରଖିଛି। ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନମାନଙ୍କୁ ନେଇ ଏକ ବ୍ରିଗେଡ ଗଠନ କରି ସାରା ରାଜ୍ୟରେ ବ୍ୟାନର ଓ ପ୍ରଚାର ପତ୍ର ମାଧ୍ୟମରେ ଜନସାଧାରଣଙ୍କୁ କରୋନା ପ୍ରତିରୋଧର ସଚେତନ ସୃଷ୍ଟି କରିଚାଲିଛି। ଏଇ ବ୍ରିଗେଡର ମେମ୍ବର ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନମାନେ ନିଜ ନିଜ ଅଞ୍ଚଳରେ ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କ ସହିତ ମିଶି ସାଧାରଣ ଲୋକଙ୍କୁ ହାତଧୂଆ ପ୍ରଣାଳୀ ଶିଖାଇବା ସହିତ ହାତଧୂଆ ସାମଗ୍ରୀ ସାନିଟାଇଜର ଓ ଆବଶ୍ୟକ ସ୍ଥଳେ ମାସ୍କ ମଧ୍ୟ ବଣ୍ଟନ କରି ଲୋକମାନଙ୍କୁ ସଚେତନ କରିବାର ପ୍ରୟାସ ଜାରି ରଖିଛନ୍ତି ଏବଂ ଭୟ ନକରି ଏହି ମହାମାରିକୁ ପ୍ରତିରୋଧ କରିବା ଲାଗି ଜନସାଧାରଣଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ଜିଲ୍ଲାରେ ଏହି ବ୍ରିଗେଡ ଜରିଆରେ କରୋନା ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଆଜି ଫେସ୍‌ବୁକ୍ ଏବଂ ହ୍ୱାଟସ୍‌ଅପରେ ମୁଖ୍ୟକମିଶନର ସମସ୍ତ ବ୍ରିଗେଡ୍ ମେମ୍ବରମାନଙ୍କୁ ସେମାନଙ୍କର କାମ ଲାଗି ଧନ୍ୟବାଦ ଦେଇ ନିଜର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଇ, ସାବଧାନର ସହ ଏହି ସଚେତନତା ପ୍ରଚାର କରିବାକୁ ଅନୁରୋଧ କରିଛନ୍ତି।

## ତୁଷାର ଋରିଟେବୁଲ ତରଫରୁ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍): ସାରା ବିଶ୍ୱରେ କରୋନା ଭାଇରସ ଏକପ୍ରକାର ଆତଙ୍କ ସୃଷ୍ଟି କରିଥିବା ବେଳେ ଭାରତବାସୀ କରୋନାକୁ ନେଇ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ଧୀରେ ଧୀରେ ଭାରତରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଓଡ଼ିଶାରେ ଦୁଇଜଣ କରୋନା ରୋଗୀଙ୍କୁ ଚିହ୍ନଟ କରାଯିବା ପରେ ଓଡ଼ିଶାବାସୀଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟିହୋଇଛି। ଏସବୁକୁ ଦୃଷ୍ଟିରେ ରଖି କରୋନା ଭାଇରସକୁ ମୁକାବିଲା ପାଇଁ ତୁଷାର ଋରିଟେବୁଲ ଟ୍ରଷ୍ଟ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକଙ୍କ ନେତୃତ୍ୱରେ ନ୍ୟୁ ଏଜି କଲୋନୀ ୱାର୍ଡ଼ ନଂ-୨୮ରେ ଥିବା ଭେଣ୍ଡିଂଜୋନ ଏବଂ କଳିଙ୍ଗ ମାର୍କେଟରେ ଥିବା ଦୋକାନୀମାନଙ୍କୁ ମାସ୍କ ବଣ୍ଟନ କରାଯିବା ସହ ହାତ ପରିଷ୍କାର ଥିଲେ ମଧ୍ୟ ବାରମ୍ବାର ସାବୁନ୍‌ରେ ହାତ ଧୋଇବା, କାଶ, ଛିଙ୍କ ସମୟରେ ନାକ ଏବଂ ମୁହଁକୁ ରୁମାଲ, ମାସ୍କ ଦ୍ୱାରା ଘୋଡ଼ାଇ ରଖିବା, ଜ୍ୱର, କାଶ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କଲେ ଯଥାଶୀଘ୍ର ଡ଼ାକ୍ତରଙ୍କ ସହ ପରାମର୍ଶ କରିବା, ଜନଗହଳିପୂର୍ଣ୍ଣ ସ୍ଥାନଠାରୁ ଯଥେଷ୍ଟ ଦୂରେଇ ରହିବା, ଆଖି, ନାକ ଏବଂ ପାଟିକୁ ହାତରେ ସ୍ପର୍ଶ ନକରିବା ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ଛେପ, ଖଙ୍କାର ଆଦି ନ ପକାଇବାକୁ ଶ୍ରୀ ବାରିକ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ଜେନା, ସୁକାନ୍ତ ବାରିକ, ଅମ୍ଳେସ ଦାସ, ଦିଗ୍‌ବିଜୟ ମହାପାତ୍ର, ସମ୍ବିତ ବେହେରା, ଉଲ୍ଲାସ ପରିଡ଼ା, ଦୀପକ ବାରିକ, ପ୍ରକାଶ ଦେହୁରୀ, ଶିଶିର ବେହେରା, ସୁଶାନ୍ତ ରାଉତ ପ୍ରମୁଖ ସଂଯୋଗ କରିଥିଲେ।

# ଓଲାଶୁଣୀରେ ପୋଡ଼ପିଠା ବିକ୍ରିକୁ ନେଇ ବିବାଦ



ବାଲିଚନ୍ଦ୍ରପୁର (ପିଏନ୍): ଅଷ୍ଟାଦଶ ଶତାବ୍ଦୀର ମହାନ ସନ୍ଥ ସାଧକ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସାଧନାପୀଠ ତଥା ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଲାଶୁଣୀଠାରେ ମହାପୁରୁଷଙ୍କ ପ୍ରିୟ ଭୋଗ ଶୁଖୁଆ ଓ ପୋଡ଼ପିଠା। ମାତ୍ର ପୋଡ଼ପିଠା ବିକ୍ରିକୁ ନେଇ ଏଠାରେ ବିବାଦ ଦେଖାଦେଇଛି। ପ୍ରଥମେ ଏହି ଘଟଣାକୁ ନେଇ ମନ୍ଦିର କର୍ତ୍ତୃପକ୍ଷ ଓ ଭୋଗ ଦୋକାନୀ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପରେ ଦେବୋତ୍ତର ବିଭାଗ ଓ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୋଡ଼ପିଠା ବିକ୍ରେତା। ଅଭିଯୋଗ ପରେ ଦେବୋତ୍ତର ବିଭାଗ ଘଟଣାରେ ହସ୍ତକ୍ଷେପ କରିଛି। ମଠର ମହନ୍ତଙ୍କୁ ଡକାଇ କମିଶନରଙ୍କ କାର୍ଯ୍ୟାଳୟ ଘଟଣା ସମ୍ପର୍କରେ ଅବଗତ ହେବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ଓଲାଶୁଣୀ ପୀଠକୁ ସରଜମିନ୍ ତଦନ୍ତ ପାଇଁ ଖୁବ୍ ଶୀଘ୍ର ଏକ ପ୍ରତିନିଧି ଦଳ ଆସିବେ ବୋଲି ଜଣାପଡ଼ିଛି। ଏହି ଘଟଣା ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି, ଯାହାର କୁପ୍ରଭାବ ଏହି ପୀଠ ଉପରେ ପଡୁଛି। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଇଛି।

ସୂଚନାଯୋଗ୍ୟ ଯେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତରେ ଓଲାଶୁଣୀ ପୀଠ ଅବସ୍ଥିତ। ଏହି ପୀଠରେ ପୋଡ଼ପିଠା ଓ ଶୁଖୁଆ ଭୋଗ ଲାଗି କରାଯାଇଥାଏ ଯାହା ମହାପୁରୁଷଙ୍କ ଜୀବିତ ଅବସ୍ଥାରୁ ପ୍ରଚଳିତ। ଏଠାର ପୋଡ଼ପିଠାର ସ୍ୱାଦ ମଧ୍ୟ ନିଆରା। ଏହି ପୀଠରେ ବର୍ଷ ତମାମ ପୋଡ଼ପିଠା ମିଳିଥାଏ। ଚଳିତ ମାସ ୬ ତାରିଖରେ ଏଠାରେ ପୋଡ଼ପିଠା ବିକୁଥିବା ଲଳିତଗିରି ଗ୍ରାମର ଗୋପାଳ ବିଶ୍ୱାଳ ଙ୍କୁ ମହନ୍ତ ନାମାନନ୍ଦ ଦାସ ବିକ୍ରି କରିବାକୁ ବାରଣ କରିଥିଲେ। ଏପରିକି ମହନ୍ତ ଏବଂ ତାଙ୍କ ଶିଷ୍ୟ ଗୋପାଳଙ୍କ ପୋଡ଼ପିଠା କୁ ଛାଡ଼ାଇନେବା ସହ ଟେବୁଲ, ଧୂପ, ଦୀପ କୁ ଫୋପାଡ଼ି ଦେଇଥିଲେ। ଏ ସମସ୍ତ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଉଭୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ଅଭିଯୋଗକାରୀ ଗୋପାଳ ବିଶ୍ୱାଳ କହନ୍ତି ମୁଁ ଦୀର୍ଘ ୩୦ ବର୍ଷ ହେବ ମଠରେ ପୋଡ଼ପିଠା ବିକ୍ରି କରିବା ସହିତ ମଠରେ ସେବା କାର୍ଯ୍ୟ କରି ଆସୁଛି। ମୁଁ ଜଣେ ଶାରୀରିକ ଭିନ୍ନକ୍ଷମ ଗରିବ ଲୋକ। ପୋଡ଼ପିଠା ବିକି ଯାହା ଦି ପଇସା ହୁଏ ମୋର ପରିବାର ଚଳେ ଏବଂ ଦୈନିକ ମହାସୁଲ ବାବଦକୁ ୧୦୦ ଟଙ୍କା ଲେଖାଁଏ ମହନ୍ତଙ୍କୁ ଦେଇଥାଏ। ମେଳା ସମୟରେ ୮ ଦିନ ପାଇଁ ୫ହଜାର ୫୦୦ ଟଙ୍କା ମଧ୍ୟ ମଠରେ ପୈଠ କରିଅଛି। ମହନ୍ତ ମହାରାଜ କାହା ବୁଦ୍ଧିରେ ପଡ଼ି ଏପରି ଆଚରଣ କରୁଛନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ଓଲାଶୁଣୀ ମଠର ମହନ୍ତ ତଥା ଉନ୍ନୟନ ପରିଷଦର ସଭାପତି ଡଃ ନାମାନନ୍ଦ ଦାସଙ୍କୁ ପଚାରିବାରେ ନିମ୍ନମାନର ପୋଡ଼ପିଠା ବିକ୍ରିକୁ ନେଇ ପରିଷଦର ଏକ ବୈଠକ ଡକାଯାଇ ଆଲୋଚନା ହେବା ସହ ବାହାର ଭୋଗ ଦୋକାନୀମାନଙ୍କୁ ମନ୍ଦିର ପରିସରରେ ପୋଡ଼ପିଠା ବିକ୍ରି ପାଇଁ ବାରଣ କରାଯାଇଥିଲା। ତେବେ ଏହାକୁ ନ ମାନି ଭୋଗ ବିକ୍ରିକୁ ଆମେ ବାରଣ କରୁଛୁ, କୌଣସି ବିବାଦ ହୋଇ ନାହିଁ, ପରିଷଦ ପକ୍ଷରୁ ନିଜସ୍ୱ ଭୋଗ ଦୋକାନ ଖୋଲାଯାଇ ପୋଡ଼ପିଠା ବିକ୍ରି ଚାଲିଛି। ଏଠାରେ ସାଧାରଣରେ ପ୍ରଶ୍ନ ଉଠେ ଓଲାଶୁଣୀ ଉନ୍ନୟନ ପରିଷଦ ନାମରେ ଯେଉଁ କମିଟି ଗଠନ ହୋଇଥିଲା ତାହାର ସମ୍ପାଦକ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। ଯେଉଁମାନେ ଉନ୍ନୟନ ପରିଷଦରେ କର୍ମକର୍ତ୍ତାଭାବେ ସାମିଲ ଥିଲେ ସେମାନେ ଘଟଣା ବିଷୟରେ ଅଜ୍ଞ ଥିବା ଜଣା ପଡ଼ିଛି। ଏପରିକି ନିଷ୍ପତ୍ତି ନେବା ବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଉପେକ୍ଷା କରାଯାଇଥିବା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ପଲାଇ ସରପଞ୍ଚ ବାସନ୍ତୀ ହେମ୍ବ୍ରମ୍ ଓ ସମିତିସଭ୍ୟା ସଞ୍ଜୁ ଦେଉରୀଙ୍କୁ ପଚାରିବାରେ ସେମାନେ କହନ୍ତି କୌଣସି ଘଟଣା ସମ୍ପର୍କରେ ଆମକୁ କେହି ଅବଗତ କରିନାହାଁନ୍ତି। ତେବେ ଲଳିତଗିରି ଗ୍ରାମପଞ୍ଚାୟତ ସରପଞ୍ଚ ସୁଜାତା ସିଂହଙ୍କ ମତ ନେବାରେ ସେ କହନ୍ତି ସେଠାରେ ସବୁ ମନମୁଖୀ ଚାଲିଛି, ସରପଞ୍ଚଙ୍କୁ କିଏ ପଚାରୁଛି ନା ମାନୁଛି ? ସମଗ୍ର ଘଟଣାକୁ ବୁଦ୍ଧିଜିବୀ ମହଲରେ ଘୋର ନିନ୍ଦା କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ଦେଖାଦେଇଛି।

# ଗ୍ରାମାଂଚଳରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର (ପିଆଇବି): ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ହେଉଛି ରାଷ୍ଟ୍ରର ପ୍ରାଥମିକ କର୍ତବ୍ୟ। ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ପ୍ରାଥମିକ ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି। ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ସକାଶେ କେନ୍ଦ୍ର ସରକାର ୨୦୦୫ରେ ଆରମ୍ଭ କରିଥିଲେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ। ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଏବଂ ସମସ୍ତଙ୍କୁ ସୁହାଇବା ପରି ସେବା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ସରକାରଙ୍କ ପଦକ୍ଷେପକୁ ସହାୟତା କରିବା ଥିଲା ଏହି ଯୋଜନାର ଆଭିମୁଖ୍ୟ। ସମ୍ପ୍ରତି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ସହରାଚଂଳ ସ୍ୱାସ୍ଥ୍ୟ ମିଶନ ଦୁଇଟି ଉପବିଭାଗ କାର୍ଯ୍ୟକରୁଛି। ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରଙ୍କ ପଦକ୍ଷେପକୁ ସହାୟତା ଦେଇଆସୁଛନ୍ତି କେନ୍ଦ୍ର ସରକାର। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଯେପରି ସୁସଂହତ ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ପାର୍ବତ୍ୟ ଓ ମରୁଭୂମି ଇଲାକାରେ ସ୍ୱାସ୍ଥ୍ୟ ସେବା ନେଇ ବିଭିନ୍ନ ଉନ୍ନତମାନର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ ଯୋଜନା ପ୍ରଣୟନ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସହଯୋଗ କରିଆସୁଛନ୍ତି। ଅଦ୍ୟାବଧି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ୨.୮୯ ଲକ୍ଷ ଅତିରିକ୍ତ ମାନବ ସମ୍ବଳ ପ୍ରଦାନ କରାଯାଇଥିବାବେଳେ ୩୦୮୦୫ଟି ନୂଆ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହାବାଦ୍ ୩୨୮୫୬ଟି ଆଧୁନିକୀକରଣ ଓ ଉନ୍ନୀତକରଣ କାର୍ଯ୍ୟ କରାଯାଇଛି। ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ନିୟୋଜିତ ହୋଇଛନ୍ତି ୧୧୦୬ ମୋବାଇଲ ମେଡିକାଲ ୟୁନିଟ। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଗ୍ରାମୀଣ ଇଲାକାରେ ସର୍ବସାଧାରଣ ସ୍ୱାସ୍ଥ୍ୟ ସେବା ନିମନ୍ତେ ମାନବ ସମ୍ବଳର ଯଥେଷ୍ଟ ବ୍ୟବସ୍ଥା କରାଯାଇଥିବାବେଳେ ଗ୍ରାମୀଣ ଓ ଦୁର୍ଗମ ଇଲାକାରେ ସ୍ୱାସ୍ଥ୍ୟ ସେବା ଲାଗି ଏହି ମିଶନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଗ୍ରାମୀଣ ଓ ଦୁର୍ଗମ ଇଲାକାରେ କାର୍ଯ୍ୟକରିବା ପାଇଁ ଯେପରି ଡାକ୍ତରମାନେ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ସେମାନଙ୍କୁ ଅଧିକ ଭତା ଦିଆଯାଉଥିବାବେଳେ ସରକାରୀ ଆବାସ ମଧ୍ୟ ଯୋଗାଇଦିଆଯାଉଛି। ଏଥିପାଇଁ ସ୍ନାତକୋତର ମେଡିକାଲ ଶିକ୍ଷା ନିୟାମକ, ୨୦୦୦କୁ ସଂଶୋଧନ କରାଯାଇଛି। ଏହି ନିୟାମକ ଅନୁସାରେ ଯେଉଁ ସରକାରୀ ଡାକ୍ତରମାନେ ଗ୍ରାମୀଣ ଓ ଦୁର୍ଗମ ଇଲାକାରେ ଅତିକମରେ ୩ବର୍ଷ ନିୟୋଜିତ ରହିଥିବେ ସେମାନଙ୍କୁ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଲାଗି ରାଜ୍ୟଗୁଡ଼ିକୁ ପର୍ଯ୍ୟାପ୍ତ ସହଯୋଗ କରାଯାଉଛି ଏବଂ ମାଗଣାରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ନିମନ୍ତେ ରାଜ୍ୟଗୁଡ଼ିକ ଯେପରି ସକ୍ଷମ ହୋଇପାରିବେ ସେଥିପାଇଁ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି। ମାତୃକାଳୀନ ସ୍ୱାସ୍ଥ୍ୟ ସେବା, ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ପଲସ ପୋଲିଓ ଟିକାକରଣ ଅଭିଯାନ, ପରିବାର ନିୟୋଜନ ସେବା, ଶିଶୁ ସ୍ୱାସ୍ଥ୍ୟ ସେବା, ନବଜାତକଙ୍କ ସେବା, ସଂକ୍ରମିତ ରୋଗ ନିରାକରଣ, ମ୍ୟାଲେରିଆ, କଳାଜ୍ୱର, ବାତଜ୍ୱର, ଡେଙ୍ଗୁ, ଚିକୁନଗୁନିଆ ଆଦିର ମୁକାବିଲା, ଯକ୍ଷ୍ମା ନିୟନ୍ତ୍ରଣ, କୁଷ୍ଠ ରୋଗ ନିର୍ମୂଳ ଅଭିଯାନ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମରେ ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ତ୍ୱରିତ ଚିକିତ୍ସା ନିମନ୍ତେ ପଦକ୍ଷେପ ନିଆଯାଉଛି। ଜନ୍ମ ସମୟରେ ରହିଥିବା ବିଭିନ୍ନ ସମସ୍ୟା, ରୋଗ, ଅଭାବ, ବିଳମ୍ବିତ ବିକାଶ ଆଦି ସମସ୍ୟାର ମୁକାବିଲା ନିମେନ୍ତ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାରେ ମାଗଣା ସର୍ଜରୀ କରାଯିବାର ବ୍ୟବସ୍ଥା ରହିଛି। ଏଥିସହ ଜାତୀୟ ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅନୁସାରେ ପ୍ରତି ଗର୍ଭବତୀଙ୍କୁ ସରକାରୀ ହାସପାତାଳରେ ମାଗଣରେ ପ୍ରସବ କରାଇବା ଅବା ଆବଶ୍ୟକସ୍ଥଳେ ସିଜରିଆନ କରାଇ ହେବ। ଏହି କାର୍ଯ୍ୟକ୍ରମରେ ମାଗଣା ଔଷଧ ଓ ଆବଶ୍ୟକ ସରାମ, ମାଗଣା ରକ୍ତ, ମାଗଣା ପରୀକ୍ଷା ବ୍ୟବସ୍ଥା ରହିଛି। ସେମାନଙ୍କୁ ବି ମାଗଣା ଘରେ ଛାଡ଼ିବା ବ୍ୟବସ୍ଥା ରହିଛି। ଏପରିକି ପ୍ରସବ ପୂର୍ବବର୍ତୀ ଓ ପରବର୍ତୀ ସେବା ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ମାଗଣା ଔଷଧ ପ୍ରଦାନ ଓ ରୋଗ ନିରୂପଣ ସେବା ପ୍ରଦାନ କରାଯାଉଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଗରିବ ଓ ଦୁର୍ବଳ ପରିବାରକୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି।

## ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ କରୋନା ସର୍ତକତା ସେବା

କଟକ (ପିଏନ୍): ପୂର୍ବତଟ ରେଳବାଇ ଅନ୍ତର୍ଗତ ଇଷ୍ଟକୋଷ୍ଟ ରେଲୱେ, ଶ୍ରମିକ ୟୁନିୟନ କଟକ ଶାଖା ପକ୍ଷରୁ ସମ୍ପ୍ରତି ଭୟାବହତା ଦେଖାଇଥିବା କରୋନାକୁ ନେଇ ଏକ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ପାଟଶାଣୀଙ୍କ ତତ୍ତ୍ୱାବଧାନରେ ମଣ୍ଡଳ ସଂଯୋଜକ ନିରଞ୍ଜନ ମିଶ୍ର, ଅର୍ଥ ସମ୍ପାଦକ ସୁବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ସମ୍ପାଦକ ବିପିନ ସିଂହ ଓ ଅନ୍ୟ ସଦସ୍ୟମାନେ ସ୍ୱାସ୍ଥ୍ୟ ଉପଯୋଗୀ ମାକ୍ସ ଓ ଆନୁସଙ୍ଗିକ ଉପକରଣ ଶ୍ରମିକ ଓ ରେଳଯାତ୍ରୀ ମାନଙ୍କୁ ବଣ୍ଟନ କରାଯାଇଥିଲା। ସୂଚନାଥାଉକି ଏହି ସର୍ବଭାରତୀୟ ଶ୍ରମିକ ସଂଘ ପ୍ରଶାସନିକ କର୍ମକର୍ତ୍ତାଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଏହି ସେବାକାର୍ଯ୍ୟ ସମ୍ପାଦନ ସହ ସାଧାରଣରେ ସଚେତନ ବ୍ୟାପକ କରିବା ପାଇଁ ଆହ୍ୱାନ ପ୍ରଦାନ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ



Bhubaneswar Tuesday March 24 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କରୋନା ଭୂତାଣୁ ସଙ୍କଟ ସମୟରେ କର୍ମଚାରୀମାନଙ୍କୁ ପୂର୍ଣ୍ଣ ବେତନ ଦେବ ଟାଟା ଗ୍ରୁପ୍: ଚନ୍ଦ୍ରଶେଖରନ୍

ଭୁବନେଶ୍ୱର : ୧୯ ବ୍ୟାପିବା ହେଉଛି ଏକ ପ୍ରମୁଖ ବିଶ୍ୱ ସ୍ତରୀୟ ସଙ୍କଟ। ଭାରତରେ ଏହି ବିପଦକୁ ରୋକିବା ଲାଗି ଅନେକ ପ୍ରତ୍ୟକ୍ଷ ପଦକ୍ଷେପ ଓ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରୁଛି। ଏହା ହେଉଛି କଠିନ ଓ ଅନିଶ୍ଚିତତାର ସମୟ ଏବଂ ଦେଶ ଆମର ସାମଗ୍ରିକ ଉଦ୍ୟମ ଦରକାର କରୁଛି। ଗତକାଲି ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଣାଇଥିବା ସଂକଳ୍ପ ଓ ଦୂରତା ବଜାୟ ରଖିବା ଏହି ବିଶ୍ୱ ମହାମାରୀକୁ ରୋକିବା ଲାଗି ଗୁରୁତ୍ୱପୂର୍ଣ୍ଣ। ଟାଟା ଗ୍ରୁପ୍‌ରେ ଆମେ ଗ୍ରୁପ୍‌ର ସମସ୍ତ କଂପାନିକୁ ଅତ୍ୟଧିକ ସାବଧାନତା ଅବଲମ୍ବନ କରିବାକୁ କହିଛୁ। ଆମର କର୍ମଚାରୀ, ସେମାନଙ୍କ ପରିବାର ଓ ଆମର ଯୋଗାଣକାରୀ, ଭେଣ୍ଡର ଓ ଆମର ବୃହତ ବ୍ୟବସ୍ଥାର ସୁରକ୍ଷା ଓ ସ୍ୱାସ୍ଥ୍ୟ ସର୍ବୋଚ୍ଚ ଗୁରୁତ୍ୱପୂର୍ଣ୍ଣ। ଆମର କଂପାନିଗୁଡ଼ିକ ପ୍ରାୟ 'ୱାର୍କ ଫ୍ରମ୍ ହୋମ୍ (ଘରେ ରହି କାର୍ଯ୍ୟ କରିବା) ପରିବେଶକୁ ଆପଣେଇଛନ୍ତି। ୱାର୍କ ଫ୍ରମ୍ ହୋମ୍‌କୁ ବ୍ୟାପକ ଭାବେ ଗ୍ରହଣ କରିବା ଲାଗି ଆମେ ଆମର ଭାରତରେ ଥିବା କଂପାନିଗୁଡ଼ିକୁ କହିଛୁ ଓ ଏହା ନିଶ୍ଚିତ କରିବାକୁ ଚାହୁଁଛୁ ଯେ କେବଳ ଅତି ଆବଶ୍ୟକ ମାମଲାରେ ଯେଉଁଠାରେ ଏକ ବୃହତର ସାର୍ବଜନୀନ ସ୍ୱାର୍ଥ ପାଇଁ କୌଣସି ଉତ୍ପାଦ କିମ୍ବା ସେବା ଡେଲିଭରି (ପ୍ରଦାନ) କରିବାର ଆବଶ୍ୟକତା ରହିଛି କେବଳ ସେହି ମାମଲାଗୁଡ଼ିକରେ କର୍ମଚାରୀମାନେ ଗମନାଗମନ କରିପାରିବେ। ବର୍ତ୍ତମାନର ସ୍ଥିତି ଆମ ସମାଜର ଦୁର୍ବଳ ସାମାଜିକ-ଅର୍ଥନୈତିକ ବର୍ଗ ଉପରେ ବଡ଼ ଧରଣର ଓ ଗଭୀର ଆର୍ଥିକ ପ୍ରଭାବ ପକାଇବ। ଏହି ସଙ୍କଟମୟ ସମୟରେ ଆମର କାର୍ଯ୍ୟାଳୟ ଓ ଭାରତରେ ଥିବା ବିଭିନ୍ନ ସାଇଟ୍ ବା ସ୍ଥାନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀ ଓ ଦିନ ମଜୁରିଆମାନଙ୍କୁ ଆମ ଗ୍ରୁପ୍‌ର କଂପାନିଗୁଡ଼ିକ ୨୦୨୦ ମାର୍ଚ୍ଚ ଓ ଏପ୍ରିଲ୍ ମାସର ପ୍ରାପ୍ୟକୁ ସମ୍ପୂର୍ଣ୍ଣ ପ୍ରଦାନ କରିବେ। ସେମାନେ ଏକା'ବାସ, ସାଇଟ୍ ବନ୍ଦ ହୋଇଯିବା, କାରଖାନା ବନ୍ଦ ରହିବା କିମ୍ବା ଅନ୍ୟ ଯେକୌଣସି କାରଣରୁ କାର୍ଯ୍ୟ କରିପାରିନଥିଲେ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ପେମେଂଟ୍ ନିଶ୍ଚିତ ପ୍ରଦାନ କରାଯିବ। ଆମର ନିର୍ଦ୍ଦିଷ୍ଟ ଗୁରୁତ୍ୱ ଦେଉଥିବା ଅନ୍ୟତମ କ୍ଷେତ୍ର ହେଉଛି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ସଂସ୍ଥା (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର। ଆଇନଗତ ଦେୟଗୁଡ଼ିକୁ ସଠିକ୍ ସମୟରେ ପ୍ରଦାନ କରିବା ଲାଗି ଆମ ଗ୍ରୁପ୍‌ର କଂପାନିଗୁଡ଼ିକ ଏକ ନୀତି ଅନୁସରଣ କରୁଛି। ବର୍ତ୍ତମାନ ସ୍ଥିତିରେ ଆମେ ଏହାକୁ ତୀକ୍ଷ୍ଣ ଭାବେ ନିରୀକ୍ଷଣ କରି ନଗଦ ରାଶି ପ୍ରଦାନ କରିବା ଲାଗି ତୁରନ୍ତ ଯେଉଁଳି ଏହି ସବୁ ଦେୟ ପ୍ରଦାନ କରାଯାଉଛି ତାହାକୁ ନିଶ୍ଚିତ କରୁଛୁ। ଏହି ରୋଗ ବିରୋଧ ଲଢ଼େଇ ପାଇଁ ପ୍ରତିଟି ଦିନ ଗୁରୁତ୍ୱପୂର୍ଣ୍ଣ। ସଂକଳ୍ପ ସହିତ, ଆମେ ସାମଗ୍ରିକ ଭାବେ ଏହି ସଙ୍କଟର ସ୍ଥିତିକୁ ଏଭଳି ଭାବେ ଏଡ଼ାଇପାରିବା ଯାହା ହେଉଛି ଆମର ସାଥୀ ନାଗରିକମାନଙ୍କର ଆବଶ୍ୟକତା ପ୍ରତି ସଚେତନ, ଯତ୍ନବାନ ଏବଂ ଦୟାଳୁ ହେବ।

## ଭାରତରେ ରଗ୍‌ବିର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ଜାଇକା ସ୍ୱେଚ୍ଛାସେବୀ

ନୂଆଦିଲ୍ଲୀ : ଓଡ଼ିଶାରେ ରଗ୍‌ବି କୋଚିଂ ଦେବା ପାଇଁ ଜାପାନ ଇଂଟରନ୍ୟାସନାଲ୍ କୋପରେଶନ୍ ଏଜେନ୍ସି(ଜେଆଇସିଏ) ପକ୍ଷରୁ ପୁଣି ୮ ଜଣ ସ୍ୱେଚ୍ଛାସେବୀଙ୍କୁ ଫେବୃୟାରୀ ୧୭ରେ ଭାରତ ପଠାଯାଇଛି। ସେମାନେ ଦେଶରେ ଖେଳ ଦକ୍ଷତା ଏବଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିବେ। ଜାପାନ ଓଭରସିଜ୍ କୋପରେଶସନ୍ ଭଲ୍ୟୁଟଂରର୍ସ (ଜେଓସିଭି) ଅର୍ନ୍ତଜାତୀୟସ୍ତରୀୟ ଅଭିଜ୍ଞତାର ପାରସ୍ପରିକ ଭାବର ଆଦାନପ୍ରଦାନ ମାଧ୍ୟମରେ ଭାରତ ଏବଂ ଜାପାନ ମଧ୍ୟରେ ଏକ ସହଭାଗିତା ସୃଷ୍ଟି କରିବାକୁ ସକ୍ଷମ ହେବେ। ଏହି ନୂଆ ସ୍ୱେଚ୍ଛାସେବୀମାନେ ଆସିବା ଦ୍ୱାରା ଭାରତରେ ଜାଇକା ସେଚ୍ଛାସେବୀଙ୍କ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି। ସେମାନେ ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ହିମାଚଳପ୍ରଦେଶ, ଗୁଜରାଟ, ଦିଲ୍ଲୀ, ପଶ୍ଚିମବଙ୍ଗ, ଉତରାଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ଆଦି ୧୦ଟି ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ନୂଆ ୮ଜଣ ଜେଓସିଭି ବିଶ୍ୱବିଦ୍ୟାଳୟସ୍ତରୀୟ ଅଂଶୀଦାର କାର୍ଯ୍ୟକ୍ରମ ଅନ୍ତର୍ଗତ ଜାଇକାର କାନସାଇ ସେଂଟର ଏବଂ ଦୋଶିଶା ବିଶ୍ୱବିଦ୍ୟାଳୟ ସହାୟତାରେ କାର୍ଯ୍ୟ କରିବେ।

## ସମାଜସେବୀ ସ୍ୱର୍ଗତ ଭ୍ରମରବର ରାଉତରାୟଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧୋତ୍ସବ ନିଆରା ଢଙ୍ଗରେ ପାଳିତ



ବାଲିଅନ୍ତା / ଭୁବନେଶ୍ୱର / ଫୁଲନଖରା : ବାଲିଅନ୍ତା ପାଞ୍ଚଦେଶ କମିଟିର ଅଗ୍ରଣୀ ସଭ୍ୟ ଆଧାତ୍ମିକ, ସାମାଜିକ / ସାଂସ୍କୃତିକ ସଂଗଠକ ବିଶିଷ୍ଟ ମୁରବୀ ଓ ସମାଜସେବୀ ସ୍ୱର୍ଗତ ଭ୍ରମରବର ରାଉତରାୟଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧୋତ୍ସବ ମହାତ୍ମା ପଦଯାତ୍ରା ସ୍ମୃତି ପରିଷଦ, ଶ୍ରୀ ଶ୍ରୀ ନିକୁଞ୍ଜବିହାରୀଦେବ ମନ୍ଦିର ଟ୍ରଷ୍ଟବୋର୍ଡ, ଟ୍ୟାଲେଣ୍ଟ ଟ୍ୟୁଟୋରିଆଲ୍ ଓ ଶ୍ରୀ ଶ୍ରୀ ନିକୁଞ୍ଜ ବିହାରୀ ଆଞ୍ଚଳିକ ଯାଦବ ସମିତି ଆନୁକୂଲ୍ୟରେ ଆଜି ନିଆରା ଢଙ୍ଗରେ ପାଳନ କରାଯାଇଛି। ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜନଗହଳିଠାରୁ ଦୂରରେ ରହି ପୂଜ୍ୟପୂଜା ପରମ୍ପରା ଆଧାରରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ପ୍ରତ୍ୟୁଷରୁ ପଣ୍ଡିତ ଶ୍ରୀଧର ଦାସ, ଅକ୍ଷୟ ପାଢୀ ଓ ଖନା ବାବାଙ୍କ ଦ୍ୱାରା କୁଶଭଦ୍ରା ନଦୀରେ ତିଳତର୍ପଣ କରାଯାଇ ଶ୍ରୀ ଶ୍ରୀ ବାଲିକୁଦା ଗାଦି ଗୋସାଇଁ, ନିକୁଞ୍ଜବିହାରୀଦେବ, ମହାବୀର, ଲକ୍ଷ୍ମୀନୃସିଂହଦେବ, ମା' ଭଗବତୀ, ଉତ୍ତରମୁଖୀ ଓ ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା ସହ ଦୀପଦାନ କରାଯାଇଥିଲା। କୁଶଭଦ୍ରା ସେତୁର ମହାତ୍ମା ସେତୁଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ବିଭିନ୍ନ ସଂଗଠନର ସଭ୍ୟମାନେ ବାଲିଅନ୍ତା ବଜାର ସହ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସଙ୍ଗେ ସଙ୍ଗେ ଆସନ୍ତାକାଲି ରବିବାର ୨୨ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିବା ଜନତା କର୍ଫ୍ୟୁକୁ ଅନୁପାଳନ କରି ନିଜକୁ ପରିବାର ସହିତ ଘର ମଧ୍ୟରେ ଆବଦ୍ଧ କରି ଚଳପ୍ରଚଳ ନ କରି ଅଯଥା ଗହଳି ସୃଷ୍ଟି ନ କରିବା ପାଇଁ ଅନୁରୋଧ କରିଥିଲେ। ବାଲିଅନ୍ତା ଗାନ୍ଧୀ ପୀଠରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସହ ସ୍ୱର୍ଗତ ରାଉତରାୟଙ୍କ ଫଟୋଚିତ୍ରରେ ପର୍ଯ୍ୟାୟକ୍ରମେ କ୍ରୀଡାବିତ୍ ପ୍ରସନ୍ନ କୁମାର ରାୟ, ଲକ୍ଷ୍ମୀଧର ସାହୁ, ନିଲୁ ବେହେରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍ ସଂଯୋଜକ ଲକ୍ଷ୍ମୀଧର ବେହେରା, ଜ୍ୟୋତିରଂଜନ ସାହୁ, ପ୍ରମୋଦ କୁମାର ସାହୁ, କୃଷ୍ଣଚନ୍ଦ୍ର ବେହେରା, ଜ୍ୟୋତିରଂଜନ ସ୍ୱାଇଁ, ସୁକାନ୍ତ ସାହୁ, ବେଦବିଦ୍ୱାନ ସୁରେନ୍ଦ୍ରନାଥ ଛୋଟରାୟ, ସଂଗୀତଜ୍ଞ ବଶିଷ୍ଠ ନାୟକ, ଚିତ୍ରଶିଳ୍ପୀ ନିର୍ମଳ ନାୟକ, ଆଞ୍ଚଳିକ ଯାଦବ ସଂଘ ସଭାପତି ଧନେଶ୍ୱର ବେହେରା, ସମ୍ପାଦକ କୃଷ୍ଣକେଶବ ଆପଟ୍ଟ, କୋଷାଧ୍ୟକ୍ଷ ସୁରେଶ ବେହେରା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ରାଉତରାୟଙ୍କ ନାତି ବୈକୁଣ୍ଠ ରାଉତରାୟ ଓ ପୁତ୍ର ପୂର୍ବତନ ସରପଞ୍ଚ ରାଜକିଶୋର ରାଉତରାୟଙ୍କ ସମେତ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ମହାମାରୀ କବଳରୁ ବିଶ୍ୱବାସୀଙ୍କ ସୁରକ୍ଷା ପାଇଁ ଶ୍ରୀ ଶ୍ରୀ ନିକୁଞ୍ଜବିହାରୀଦେବଙ୍କ ନିକଟରେ ଦୀପଦାନ କରାଯାଇଥିଲା।

## ଅନିଲ ଅଗ୍ରୱାଲ୍‌ଙ୍କ ଦ୍ୱାରା କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ଦୁର୍ବଳ ଗୋଷ୍ଠୀଙ୍କ ଜୀବନଜୀବିକାର ସୁରକ୍ଷା ପାଇଁ ୧୦୦ କୋଟି ଟଙ୍କାର ପାଣ୍ଠି ଗଠନ

ଭୁବନେଶ୍ୱର: କୋଭିଡ୍-୧୯ର ମୁକାବିଲା ଲାଗି ଭାରତ ସରକାରଙ୍କ ସହ ତାଳ ଦେଇ ଆଗକୁ ବଢ଼ି ବିଶ୍ୱ ସ୍ତରୀୟ ଧାତବ ଓ ଖଣି କଂପାନି ବେଦାନ୍ତ ଲିମିଟେଡ୍ ପକ୍ଷରୁ ୧୦୦ କୋଟି ଟଙ୍କାର ଏକ ଉତ୍ସର୍ଗୀକୃତ ପାଣ୍ଠି ଗଠନ କରାଯାଇଛି। ଏହି ପାଣ୍ଠିକୁ ତିନିଟଇ ପ୍ରମୁଖ କ୍ଷେତ୍ର-ଦିନ ମଜୁରିଆ, କର୍ମଚାରୀ ଏବଂ ଚୁକ୍ତିଭିତିକ ଶ୍ରମିକଙ୍କ ଜୀବନଜୀବିକା, ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ପଦକ୍ଷେପ ପାଇଁ ବ୍ୟବହାର କରାଯିବ ଏବଂ କଂପାନିର କାରଖାନା ଆଖପାଖରେ ଥିବା ଗୋଷ୍ଠୀଙ୍କୁ ସମୟୋପଯୋଗୀ ସହାୟତା ପ୍ରଦାନ କରାଯିବ। ବେଦାନ୍ତ ରିସୋର୍ସ ଲିମିଟେଡ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅନିଲ ଅଗ୍ରୱାଲ୍ କହିଛନ୍ତି ଯେ, 'ବର୍ତ୍ତମାନ ସାରା ଦୁନିଆ କୋଭି-୧୯ ବିରୋଧରେ ଜୋରଦାର ଲଢ଼େଇ କରୁଛି। ଏହି ଭୂତାଣୁ ବ୍ୟାପିବାକୁ ରୋକିବା ଲାଗି ଭାରତ ସରକାରଙ୍କ ସହିତ ରାଜ୍ୟ ସରକାରମାନେ ଉଦାହରଣ ସୃଷ୍ଟି କରିବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ ଯେ କର୍ପୋରେଟ୍ ସଂସ୍ଥାଗୁଡ଼ିକ ଏହି ବିନାଶକାରୀ ଭୂତାଣୁ ବିରୋଧରେ ଲଢ଼େଇ କରିବାରେ ସାଧ୍ୟ ମତେ ସହାୟତା କରିବା ଦରକାର ଯଦ୍ୱାରା ଦେଶ ପାଖରେ ଏହାର ନାଗରିକଙ୍କ ଉଭୟ ମେଡିକାଲ୍ ଓ ଆର୍ଥିକ ସହାୟତାର ଯତ୍ନ ନେବା ଲାଗି ଆବଶ୍ୟକ ପରିମାଣର ସମ୍ବଳ ରହିବ। ବେଦାନ୍ତ ତରଫରୁ ଏହି ଫଣ୍ଡ ହେଉଛି ପ୍ରଥମ ପଦକ୍ଷେପ ଏବଂ ଦରକାର ପଡ଼ିଲେ ଆମେ ଏହି ପାଣ୍ଠିର ପରିମାଣ ବଢ଼ାଇବୁ। ପୁନଶ୍ଚ, ଯଦି କିଛି ଜୀବନଜୀବିକା ହାନି ହୁଏ ତେବେ ବିଭିନ୍ନ ଅଂଚଳରେ ଥିବା ସମାଜକୁ ଆମେ ସହାୟତା ପ୍ରଦାନ କରିବୁ। ମୁଁ ଦେଶର ସମସ୍ତ ନାଗରିକଙ୍କୁ ସୁରକ୍ଷିତ ରହିବ ଓ ଦାୟିତ୍ୱବାନ ହେବା ପାଇଁ ଆହ୍ୱାନ ଦେଉଛି ଏବଂ ମୁଁ ଆମର ଲୋକମାନଙ୍କ ପାଇଁ ବହୁତ ଚିନ୍ତିତ କିନ୍ତୁ ଆମକୁ ସକରାତ୍ମକ ରହିବାକୁ ହେବ ଏବଂ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ, ଆମେ ଦୃଢ଼ ଭାବେ ଉଭା ହେବା।''ଅନ୍ୟ ପଦକ୍ଷେପ ସ୍ୱରୂପ, ଏହି ସଙ୍କଟମୟ ସମୟରେ ବେଦାନ୍ତ ଦରମା କମ୍ କରିବ ନାହିଁ କିମ୍ବା କୌଣସି କର୍ମଚାର, ଏଭଳିକି ଅସ୍ଥାୟୀ କର୍ମଚାରୀମାନଙ୍କୁ ମଧ୍ୟ ଛଟେଇ କରିବନି। କୋଭିଡ୍-୧୯ ବିରୋଧରେ ସୁରକ୍ଷା ପାଇଁ ବେଦାନ୍ତ ଏହାର କର୍ମଚାରୀ ଏବଂ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ଓ ଏକକାଳୀନ ବୀମା ସୁବିଧା ପ୍ରଦାନ କରିବ। ଆମର ସମସ୍ତ ଭ୍ରାମ୍ୟମାଣ ଭ୍ୟାନ୍ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ବ୍ୟବସାୟ ୟୁନିଟ୍‌ଗୁଡ଼ିକ ଆମ କାରଖାନା ଆଖପାଖରେ ଥିବା ଚା' ଓ ପନିପରିବା ବିକ୍ରେତା ଭଳି ଦିନ ମଜୁରିଆଙ୍କ ଜୀବିକା ପ୍ରତି ସହଯୋଗ ପ୍ରଦାନ କରିବେ।

## କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଓଡ଼ିଶୀ ସଂକୀର୍ତ୍ତନ ବନ୍ଦ ପାଇଁ ସଂକୀର୍ତ୍ତନ ମହାମଣ୍ଡଳୀର ନିଷ୍ପତ୍ତି

ଭୁବନେଶ୍ୱର / କଟକ : ସଂପ୍ରତି ବିଶ୍ୱରେ ଦେଖାଦେଇଥିବା ଭୟାବହ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାର ଓ ରାଜ୍ୟ ସରକାର ଏହାକୁ ମହାମାରୀ ଘୋଷଣା କରି ଜାରି କରିଥିବା ମାର୍ଗଦର୍ଶିକା ଓ ନିର୍ଦ୍ଦେଶନାମାକୁ ସମ୍ମାନ ଜଣାଇ ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ଦୋଳ ମହୋତ୍ସବ, ଭାଗବତ ବାସୁଦେବ ମେଳଣ ଓ ଓଡ଼ିଶୀ ସଂକୀର୍ତ୍ତନ କାର୍ଯ୍ୟକ୍ରମକୁ ଜନଗହଳିପୂର୍ଣ୍ଣ ନ କରି ନିରାଡ଼ମ୍ବର ଭାବରେ ପାଳନ କରିବା ସହିତ କୌଣସି ବୃହତ୍ତର ସଂକୀର୍ତ୍ତନ କାର୍ଯ୍ୟକ୍ରମ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଆୟୋଜନ ନ କରିବା ଓ ଏଥିରେ ଯୋଗଦାନ ନ କରିବାକୁ ଶ୍ରୀ ଲକ୍ଷେଶ୍ୱର ଆଞ୍ଚଳିକ ସଂକୀର୍ତ୍ତନ ମହାମଣ୍ଡଳୀ ମହନ୍ତ ନଳିନୀ କୁମାର ସ୍ୱାଇଁ ଅଧିକାରୀ ଚୈତନ୍ୟ ସାହୁ, ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ପବିତ୍ର ମୋହନ ସ୍ୱାଇଁ, ଜଗଦାନନ୍ଦ ରାଉତରାୟ, ଆଶୁତୋଷ ସାମନ୍ତରାୟ, ଯୁଧିଷ୍ଠିର ପରିଜା, ଶ୍ରୀ ଶ୍ରୀ ଡାଳଖାଇ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳୀ ମହନ୍ତ ପ୍ରଦୀପ କୁମାର ଜେନା, ଉପମହନ୍ତ ଲିଙ୍ଗରାଜ ସାହୁ, ଶ୍ରୀ ଶ୍ରୀ ଅଡ଼ତାଳିଶି ନାମ ସଂକୀର୍ତ୍ତନ ଓଡ଼ିଶୀ ମହାମଣ୍ଡଳ, ବାରଙ୍ଗର ମହନ୍ତ ଡଃ କିଶୋର ଚନ୍ଦ୍ର ପାଣି ଓ ଅଧିକାରୀ ଦିଲ୍ଲୀପ କୁମାର ସାମନ୍ତରାୟ ଏକ ମିଳିତ ପ୍ରେସ୍ ବିବୃତ୍ତିରେ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀକୁ ଅନୁରୋଧ କରିଛନ୍ତି।

## ମାତୃତ୍ୱ ଲାଭ କରିଥିବା ମହିଳାଙ୍କ ପାଇଁ ଶୀତକାଳୀନ ତ୍ୱଚାର ଯତ୍ନ

ଭୁବନେଶ୍ୱର: ନୂଆ କରି ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କ ପାଇଁ ଶୀତ ଦିନରେ ନିଜ ତ୍ୱଚାର ଉପଯୁକ୍ତ ଯତ୍ନ ନେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କାରଣ ଏହି ସମୟରେ ତ୍ୱଚାର ନମନୀୟତା କମ୍ ହେବା ଦ୍ୱାରା ଏହା ଅତ୍ୟଧିକ ଶୁଷ୍କ ଓ ତେଜହୀନ ହୋଇଯାଏ। ହିମାଳୟା ଡ୍ରଗ୍ କମ୍ପାନୀର ଆୟୁର୍ବେଦ ବିଶେଷଜ୍ଞ ଡଃ ସୁଭାଷିନୀ ଏନ୍ ଏସ୍ ନୂଆ କରି ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କୁ ନିଜ ତ୍ୱଚାକୁ ହାଇଡ୍ରେଟ୍ ଓ ମଏଶ୍ଚରାଇଜ୍ କରିବା ପାଇଁ ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକୁ ଯତ୍ନ ସହ ଚୟନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରାକୃତିକ ଉପାଦାନରେ ନିର୍ମିତ ଓ କୌଣସି ପ୍ରକାରର ରସାୟନ ବ୍ୟବହାର ହୋଇନଥିବା ଉତ୍ପାଦଗୁଡ଼ିକୁ ଚୟନ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ନିକଟରେ ମା' ହୋଇଥିବା ମହିଳାମାନଙ୍କ ସହ ସ୍ନାନ ଓ ସ୍ନାନ ପରର ରୁଟିନ୍ ସମ୍ପର୍କରେ ଆଲୋଚନା କରି ଡଃ ସୁଭାଷିନି କହିଛନ୍ତି ଯେ, 'ଭର୍ଜିନ୍ କୋକୋନଟ୍ ଅଏଲ୍, କୋକୋଆ, ମ୍ୟାଙ୍ଗୋ ବଟର୍ ଭଳି ଉପାଦାନ ଥିବା ମଏଶ୍ଚର-ରିଚ୍ କ୍ଲିନ୍‌ଜର ବ୍ୟବହାର କରିବା ଦ୍ୱାରା ତାହା ଶୁଷ୍କ ତ୍ୱଚାରୁ ମୁକ୍ତି ଦେଇଥାଏ। ଏଥିସହିତ ଅରୋମା ଥେରାପିଯୁକ୍ତ ସାବୁନର ବ୍ୟବହାର ମଧ୍ୟ ଉଭୟ ନୂଆ କରି ମାତୃତ୍ୱ ଲାଭ କରିଥିବା ଓ ଗର୍ଭବତୀ ମହିଳାମାନଙ୍କ ଶରୀର ପାଇଁ ଲାଭଦାୟକ ହୋଇଥାଏ। କୋକୋଆ ବଟର୍ ଓ ଗ୍ଲିସେରିନ୍‌ର ସୁଗୁଣରେ ଭରପୂର ଏକ ବଡି ବଟର୍ ମଧ୍ୟ ଲୋସନ୍ ତୁଳନାରେ ଅଧିକ ପ୍ରଭାବୀ ରୂପେ ତ୍ୱଚାକୁ ନରମ ଓ ହାଇଡ୍ରେଟ୍ କରିଥାଏ।

## ନହରକଣ୍ଟାଠାରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା / ବାରଙ୍ଗ: ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ଯୋଜନାରେ ୮୯.୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭୁବନେଶ୍ୱର ମହାନଗର ନିଗମର ୪ନମ୍ବର ୱାର୍ଡର ନହରକଣ୍ଟାଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ଆଜି ଅପରାହ୍ନରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସହିତ ପୂର୍ବତନ କର୍ପୋରେଟର ଶ୍ରୀମତୀ ଗାୟତ୍ରୀ ଲେଙ୍କା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଭାଷ ପାତ୍ର, ସମବାୟ ସଂଗଠକ ଅକ୍ଷୟ କୁମାର ଲେଙ୍କା, ବରିଷ୍ଠ ନାଗରିକ ପ୍ରଦୀପ୍ତ କୁମାର ଛୋଟରାୟ, ଇଂଜିନିୟର ବ୍ରଜବନ୍ଧୁ ପଣ୍ଡା, ଗୋଲକ ଚନ୍ଦ୍ର ଜେନା, ସମାଜସେବୀ ଲକ୍ଷ୍ମୀଧର ବେହେରା, ଶିବ ଛୋଟରାୟ, ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଦୀପକ କୁମାର ସାମନ୍ତରାୟ, ଦିପ୍ତୀରଂଜନ ପଣ୍ଡା, ଚନ୍ଦ୍ରଶେଖର ଜେନା, ନିହାର ରଂଜନ ଶ୍ରୀଚନ୍ଦନ ରାୟ, ପ୍ରକାଶ ଜେନା, ସ୍ୱାକ୍ଷର ରଂଜନ ମହାନ୍ତି, ତପନ ସାହୁ, ସନ୍ତୋଷ କୁମାର ଜେନା, ଜଟାଧାରୀ ଭୋଇ, ମୁନ୍‌ସପ୍ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ। ଚାରି ମହଲାର ଭିତ୍ତିଭୂମି ସୃଷ୍ଟିର ପ୍ଲାନ୍ ଅନୁମୋଦନ ଥାଇ ୨୫୦୮ ବର୍ଗଫୁଟ ଆୟତନର ଦୁଇମହଲା ବିଶିଷ୍ଟ ନୂତନ ମେଡିକାଲ୍ ଗୃହ ଭୁବନେଶ୍ୱର ରାଷ୍ଟ୍ରା, କୋଠାବାଡ଼ି ନିର୍ବାହୀ ଯନ୍ତ୍ରୀ ଏସ୍. ଓସାତୁଲ୍ଲା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମରେଶ ରାଉତରାୟ, ସହକାରୀ ଯନ୍ତ୍ରୀ ଅଶୋକ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ୨୨.୦୨.୨୦୧୭ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ୧୫.୧୦.୨୦୧୯ରିଖରେ ପୂର୍ଣ୍ଣାଙ୍ଗ ହୋଇ ଆଜି ଲୋକାର୍ପଣ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମେଡିକାଲ୍ ଅଫିସରଙ୍କ ତତ୍ତ୍ୱାବଧାନରେ ବର୍ହିବିଭାଗ ଚିକିତ୍ସା ସହିତ ସପ୍ତାହରେ ଦୁଇଦିନ ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଓ ଦନ୍ତ ଚିକିତ୍ସକ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏଠାରେ ଜଣେ ଫାର୍ମାସିଷ୍ଟ, ପାଞ୍ଚ ଜଣ ଏ.ଏନ୍.ଏମ୍., ଜଣେ ଜି.ଏନ୍.ଏମ୍., ଓ ପାଞ୍ଚ ଜଣ ବିଭିନ୍ନ ବର୍ଗର କର୍ମଚାରୀ ନିୟୋଜିତ ଥାଇ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି। ଏହି ହସ୍ପିଟାଲ୍ ଉପରେ ୪ ନମ୍ବର ୱାର୍ଡର ନୂଆପାଟଣା, ବଙ୍ଗୁଆରୀ, ହରିଦାସପୁର, ସୁନ୍ଦରାପାଟଣା, ରୁଦ୍ରପୁର, ନହରକଣ୍ଟା, ହଂସପାଳ, ସମେତ ଆଖପାଖ ଗ୍ରାମବାସୀ ଓ ନୂତନ ଭାବେ ଗଢ଼ିଉଠିଥିବା ଜନବସତି ସହିତ ୫, ୧୦ ଓ ୧୧ ନମ୍ବର ୱାର୍ଡର ବାସିନ୍ଦା ସ୍ୱାସ୍ଥ୍ୟ ସେବାର ସୁଯୋଗ ପାଇପାରୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁରୋଗ, ଭେଷଜ, ଶଲ୍ୟ, ଚର୍ମରୋଗ ବିଶେଷଜ୍ଞ ନିଯୁକ୍ତି ସହ ଏହାକୁ ୨୫ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ଅଞ୍ଚଳର ମୂଳବାସିନ୍ଦା ମାନ୍ୟବର ବିଧାୟକଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଥିଲେ।

## ଭାରତରେ ମାରୁତି ସୁଜୁକି ଡିଜାୟାର୍ ଏବେ ଏକ ନୂତନ ଅବତାରରେ

ଭୁବନେଶ୍ୱର: ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ଭାରତରେ ଏହାର ସର୍ବାଧିକ ବିକ୍ରି ହେଉଥିବା ସେଡାନ୍ ଡିଜାୟାର୍‌ର ନୂତନ ପ୍ରିମିୟମ ଅବତାର୍ ଶୁଭାରମ୍ଭ କରାଯାଇଛି। ଏହି ୨୦୨୦ ଡିଜାୟାର୍ ନୂଆ ବମ୍ପର୍, ଗ୍ରିଲ୍ ଡିଜାଇନ୍, ଆଧୁନିକ ଉଡ୍ ଫିନିସ୍ ଇଂଟେରିୟର୍ ସହ ଏକ ସୁନ୍ଦର ଓ ବିଳାସପୂର୍ଣ୍ଣ ସମ୍ମୁଖ ଡିଜାଇନ ପ୍ରଦାନ କରୁଛି। ନେକ୍ସଟ୍-ଜେନ୍ କେ-ସିରିଜ୍ ଇଂଜିନ୍ ଦ୍ୱାରା ପରିଚାଳିତ ଏହି ୨୦୨୦ ଡିଜାୟାର୍ କ୍ରୁଜ୍ କଂଟ୍ରୋଲ, ସ୍ମାର୍ଟପ୍ଲେ ଷ୍ଟୁଡିଓ ଇନ୍‌ଫୋଟେନ୍‌ମେଂଟ୍ ସିଷ୍ଟମ୍, କଲରଡ୍ ଟିଏଫ୍‌ଟି ଏମ୍‌ଆଇଡି ଡିସ୍‌ପ୍ଲେ ଏବଂ ଅଟୋ ଫୋଲ୍ଡେବୁଲ ଓଆର୍‌ଭିଏମ୍‌ଏସ୍ ସହ ଗ୍ରାହକଙ୍କ ସୁବିଧା ପାଇଁ କୀ ସିଙ୍କ୍ ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ପ୍ରଦାନ କରୁଛି। ନୂଆ ୨୦୨୦ ଡିଜାୟାର୍‌ରେ ଆଗ ଓ ପଛରେ ବୃହତ୍ ଆକାରର ବ୍ରେକ୍ ରହିଛି ଯାହାକି ଉନ୍ନତ ବ୍ରେକିଙ୍ଗ୍ ପ୍ରଦର୍ଶନ ଓ ବ୍ରେକ୍ ଲାଇଫ୍ ପ୍ରଦାନ କରିଥାଏ। ଏହାଛଡା ସମସ୍ତ ଭାରିଆଂଟ୍‌ରେ ଡୁଆଲ ଏୟାରବ୍ୟାଗ୍, ପ୍ରି-ଟେନ୍‌ସନର୍ ଫୋର୍ସ ଲିମିଟର୍ ସିଟ୍ ବେଲ୍ଟ, ଆଇଏସ୍‌ଓଏଫ୍‌ଆଇଏକ୍ସ (ଚାଇଲ୍ଡ ସିଟ୍ ରିଷ୍ଟ୍ରେଂଟ୍ ସିଷ୍ଟମ୍) ଓ ଇବିଡି ସହିତ ଏବିଏସ୍ ଭଳି ଫିଚର ରହିଛି। ୫ମ ପିଢ଼ିର ହାର୍ଟେକ୍ଟ ପ୍ଲାଟ୍‌ଫର୍ମରେ ନିର୍ମିତ ନୂଆ ୨୦୨୦ ଡିଜାୟାର୍ ଫ୍ରଂଟାଲ ଅଫ୍‌ସେଟ୍, ସାଇଡ୍ ଇମ୍ପାକ୍ଟ ଓ ପଥଚାରୀ ନିୟମାବଳୀକୁ ପାଳନ କରୁଛି। ଏହା ଦୁଇଟି ନୂତନ ସମୃଦ୍ଧ ଓ ପ୍ରିମିୟମ କଲର୍ ଭାରିଆଂଟ୍ ପ୍ରିମିୟମ ସିଲ୍‌ଭର ଓ ଫୋଏନିକ୍ସ ରେଡ୍‌ରେ ଉପଲବ୍ଧ ହେବ। ଏହି ନୂତନ ବିଳାସପୂର୍ଣ୍ଣ କାର୍‌ର ବିଭିନ୍ନ ଭାରିଆଣ୍ଟର ଏକ୍ସ-ଶୋରୁମ ମୂଲ୍ୟ ଟ.୫୮୯,୦୦୦ରୁ ଆରମ୍ଭ ହୋଇ ଟ.୮୮୦,୫୦୦ ପର୍ଯ୍ୟନ୍ତ ରହିଛି।

## ସରକାରଙ୍କର ଖେଲୋ ଇଣ୍ଡିଆ ପଦକ୍ଷେପ ଅନେକ ପିଲାଙ୍କୁ ଅନୁପ୍ରାଣିତ କରିପାରିଛି: ରାହି ସର୍ଣ୍ଣୋବତ

ଭୁବନେଶ୍ୱର: ଏସିଆନ ଗେମସ ଏବଂ କମନୱେଲଥ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ସୁଟର ରାହି ସର୍ଣ୍ଣୋବତ ବିଶ୍ୱାସ କରନ୍ତି ଯେ ଖେଲୋ ଇଣ୍ଡିଆ ଗେମ୍ସ ଦେଶରେ ଅନେକ ପିଲାଙ୍କୁ ଖେଳରେ ଅଂଶଗ୍ରହଣ କରିବା ପାଇଁ ଅନୁପ୍ରାଣିତ କରିଛି। ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ତିନୋଟି ସଂସ୍କରଣ ମାଧ୍ୟମରେ ଭାରତ ସରକାର ଅନେକ ପ୍ରତିଭାଙ୍କୁ ଚିହ୍ନଟ କରିଛନ୍ତି। ଏଣୁ ସେମାନେ ଓଡ଼ିଶାରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଉଦଘାଟନୀ ସଂସ୍କରଣର ଆୟୋଜନ କରିବାର ନିଷ୍ପତି ନେଇଛନ୍ତି ଯାହାକି ଆସନ୍ତା ଫେବୃଆରୀ ୨୨ରୁ ମାର୍ଚ୍ଚ୧ ପର୍ଯ୍ୟନ୍ତ ହେବ। 'ମୁଁ ବାସ୍ତବରେ ବେଶ ଆନନ୍ଦିତ ଯେ କେତେକ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ଖେଳରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରୁଛନ୍ତି ଏବଂ ଏକାଡ଼େମୀ ତୁଳନାରେ ଅନ୍ୟ ଜିନିଷ ଉପରେ ମଧ୍ୟ ବିଶେଷ ଧ୍ୟାନ ଦେଉଛନ୍ତି। ମୁଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ପ୍ରଶଂସା କରୁଛି।

## ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ଏନ୍‌ଇଇଟି ଓ ଜେଇଇ ପାଇଁ ଲାଇଭ୍ ଅନଲାଇନ୍ କ୍ରାସ କୋର୍ସର ଶୁଭାରମ୍ଭ କରିଛି

ନୂଆଦିଲ୍ଲୀ : COVID-୧୯ ର ବ୍ୟାପକତା ହେତୁ ସାରା ଭାରତରେ ସ୍କୁଲ୍ ଓ ଶିକ୍ଷା ଅନୁଷ୍ଠାନଗୁଡ଼ିକ ପ୍ରଭାବିତ ହୋଇଛି। ଏହାକୁ ଧ୍ୟାନରେ ରଖି, ଇଣ୍ଡିଆନ୍ ଟେଷ୍ଟ ପ୍ରିପାରେସନ ମେଜର ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ) ଜେଇଇ / ଏନ୍‌ଇଇଟି ଆଶାୟୀ ଛାତ୍ରମାନଙ୍କ ପାଇଁ ଅନ୍‌ଲାଇନ୍ କ୍ରାସ୍ କୋର୍ସର ଶୁଭାରମ୍ଭ କରିଛି। ସ୍ୱତନ୍ତ୍ର ପରୀକ୍ଷା ଯଥା ଜେଇଇ / ଏନଇଇଟି ଇତ୍ୟାଦି ଦେଉଥିବା ଛାତ୍ରମାନଙ୍କ ପାଇଁ ଆକାଶ ଡିଜିଟାଲ୍ ଦ୍ୱାରା ଲାଇଭ୍ ଅନଲାଇନ୍ କ୍ଲାସର ଆୟୋଜନ କରାଯିବ। ଏନ୍‌ଇଇଟି ଓ ଜେଇଇ ର ପ୍ରଥମ ବ୍ୟାଚ୍ ମାର୍ଚ୍ଚ ୧୮, ୨୦୨୦ ରୁ ଆରମ୍ଭ ହୋଇଛି ଓ ମାର୍ଚ୍ଚ ୨୪ ଠାରୁ ଅଧିକ ବ୍ୟାଚର ଆୟୋଜନ କରାଯାଉଛି। ଏହାଦ୍ୱାରା ଛାତ୍ରମାନଙ୍କ ଉପରେ ସ୍କୁଲ୍ ଓ ଅନୁଷ୍ଠାନ ବନ୍ଦ ହେବାର ପ୍ରଭାବକୁ ଦୂର କରିବାରେ ସହାୟତା ମିଳିପାରିବ। ଏହା ସହିତ ଛାତ୍ରମାନେ ନିରାପଦରେ ଘରେ ରହି ତାଙ୍କର ପାଠ ପଢ଼ାକୁ ଜାରି ରଖିପାରିବେ। ଏନ୍‌ଇଇଟି ଓ ଜେଇଇ ପାଇଁ ଲାଇଭ୍ ଅନ୍‌ଲାଇନ୍ କ୍ରାସ କୋର୍ସକୁ ଆକାଶ ଲାଇଭ୍ ପ୍ଲାଟଫର୍ମ ଦ୍ୱାରା ପ୍ରଦାନ କରାଯିବ ଯେଉଁଠାରେ ଛାତ୍ରମାନେ ଆକାଶର ସର୍ବୋତମ ଫାକଲ୍ଟିଙ୍କ ଦ୍ୱାରା ଲାଇଭ୍ ଅନଲାଇନ୍ କ୍ଲାସ ମାଧ୍ୟମରେ ନିରାପଦରେ ଘରେ ରହି ପଢ଼ି ପାରିବେ। ଏହି ଲାଇଭ୍ ଅନଲାଇନ୍ କ୍ଲାସ ଜରିଆରେ ତୁରନ୍ତ ସନ୍ଦେହର ଦୂର କରାଯାଇପାରିବ, ଯଦି କୌଣସି କ୍ଲାସ ମିସ୍ ହୋଇ ଯାଇଥାଏ ତାହାକୁ ମଧ୍ୟ ରିପ୍ଲେ କରାଯାଇ ପାରିବ ଓ ଏହାକୁ ଯେତେଥର ଚାହିଁବେ ସେତେଥର ଦେଖିପାରିବେ। ଟେଷ୍ଟ ସିରିଜ୍ ଓ ବେଷ୍ଟ-ଇନ୍-କ୍ଲାସ ଆକାଶ ଷ୍ଟଡି ମ୍ୟାଟେରିଆଲ୍ ମଧ୍ୟ ଇ-ବୁକ୍ସ ମାଧ୍ୟମରେ ତୁରନ୍ତ ଉପଲବ୍ଧ ରହିଛି। ଜେଇଇ ଓ ଏନ୍‌ଇଇଟି ଆଶାୟୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଆକାଶ ଆଇ ଟ୍ୟୁଟରର ପୂର୍ବରୁ ରେକର୍ଡ଼ ହୋଇଥିବା ଲେକ୍‌ଚର (ଆପ୍ ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ) ମିଳିପାରିବ ତଥା ସ୍କୁଲ ଛାତ୍ରମାନେ ମେରିଟ୍‌ନେସନ (ଏକ ଅଗ୍ରଣୀ ଏଡ୍‌ଟେକ୍ ମେଜର ଓ ଏଇଏସ୍‌ଏଲର ସହାୟକ) ଦ୍ୱାରା ଶ୍ରେଣୀ ୬ ରୁ ୧୨ ପର୍ଯ୍ୟନ୍ତ ମାଗଣା ଲାଇଭ୍ କ୍ଲାସର ସୁବିଧା ପାଇପାରିବେ। ଏହି ଅବସରରେ ଶ୍ରୀଯୁକ୍ତ ଆକାଶ ଚୌଧୁରୀ, ଏଇଏସ୍‌ଏଲ୍‌ର ନିର୍ଦ୍ଦେଶକ ଓ ସିଇଓ କହିଛନ୍ତି ଯେ, 'ଘରେ ଛାତ୍ରମାନେ ତାଙ୍କର ଶିକ୍ଷାକୁ ଜାରି ରଖିବା ପାଇଁ ଆକାଶ ଲାଇଭ୍ ଅନ୍‌ଲାଇନ୍ କ୍ରାସ କୋର୍ସର ଘୋଷଣା କରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଆମର ଅଧିବେଶନ ପାରସ୍ପରିକ ଆଲୋଚନାଭିତିକ ହେବ ଯେଉଁଥିରେ ଛାତ୍ରମାନେ ତାଙ୍କର ସନ୍ଦେହ ଦୂର କରିପାରିବେ, ପ୍ରଶ୍ନ ପଚାରିପାରିବେ ଓ ତାଙ୍କର ପ୍ରଶ୍ନ ତଥା ସମସ୍ୟାକୁ ସମାଧାନ କରିପାରିବେ। ଆମେ ଆଶା କରୁଛୁ ଯେ ଛାତ୍ର ଓ ଶିକ୍ଷା ପ୍ରଦାନକାରୀମାନେ ଏହି ପଦକ୍ଷେପର ସୁବିଧା ଗ୍ରହଣ କରିବେ।'ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ସମ୍ବନ୍ଧରେ ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ) ମେଡିକାଲ୍ ଓ ଇନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରମାନଙ୍କୁ ବ୍ୟାପକ ଟେଷ୍ଟ ପ୍ରସ୍ତୁତି, ସ୍କୁଲ୍/ବୋର୍ଡ଼ ପରୀକ୍ଷା ତଥା ବିଭିନ୍ନ ପ୍ରତିଯୋଗୀତାମୂଳକ ସେବା ଯଥା ଏନ୍‌ଟିଏସ୍‌ଇ, କେଭିପିୱାଇ ଓ ଅଲିମ୍ପିଆଡ୍ ପ୍ରସ୍ତୁତି ପାଇଁ ଟେଷ୍ଟ ପ୍ରସ୍ତୁତି ସେବା ପ୍ରଦାନ କରୁଛି। ଏଇଏସ୍‌ଏଲ୍ ବିଶ୍ୱାସ କରେ ଯେ 'ଆକାଶ' ବ୍ରାଣ୍ଡ ଉନ୍ନତ ମାନର କୋଚିଂ ପ୍ରଦାନ କରେ ଓ ବିଭିନ୍ନ ମେଡିକାଲ୍ ଓ ଇନିୟରିଂ ପ୍ରବେଶିକା ପରୀକ୍ଷାରେ ଏହାର ଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ୩୨ ବର୍ଷର ପରିଚାଳନାଗତ ଅଭିଜ୍ଞତା ସହିତ କମ୍ପାନୀ ସାରା ଦେଶରେ ଉପସ୍ଥିତ ରହିଛି। ସାରା ଭାରତରେ ୨୦୦+ ଆକାଶ ସେଂଟର ରହିଛି (ଫ୍ରାଂଚାଇଜି ଅନ୍ତର୍ଭୁକ୍ତ କରି) ଓ ଏଥିରେ ୨,୫୦,୦୦୦ ରୁ ଅଧିକ ଛାତ୍ରମାନେ ରହିଛନ୍ତି।

## ଭୁବନେଶ୍ୱରରେ ଏୟାରଟେଲର ନେକ୍ସଟ-ଜେନ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଟେଲିକମ୍ୟୁନିକେସନ ସେବା ପ୍ରଦାନକାରୀ ସଂସ୍ଥା ଭାରତୀ ଏୟାରଟେଲ (''ଏୟାରଟେଲ'') ପକ୍ଷରୁ ଓଡ଼ିଶାର ଭୁବନେଶ୍ୱରସ୍ଥିତ ଇନ୍ଦ୍ରଧନୁ ମାର୍କେଟ ଠାରେ ଏକ ନୂତନ ନେକ୍ସଟ-ଜେନ ଏୟାରଟେଲ ଷ୍ଟୋରର ଉଦ୍‌ଘାଟନର କରାଯାଇଛି। ଏୟାରଟେଲ ନେକ୍ସଟ-ଜେନ ଷ୍ଟୋର ଗ୍ରାହକମାନଙ୍କୁ ଏକ ସୁନ୍ଦର ଅନୁଭୂତି ଯୋଗାଇ ସେମାନଙ୍କ ସହିତ ନିଜର ପ୍ରତ୍ୟେକ ସାକ୍ଷାତକାରକୁ ଉତ୍କୃଷ୍ଟ କରିବା ନିମନ୍ତେ ଲକ୍ଷ୍ୟ ରଖିଛି। ଏହି ଏୟାରଟେଲ ନେକ୍ସଟ-ଜେନ ଷ୍ଟୋର ଦୀର୍ଘବ୍ୟାପୀ ଗ୍ରାହକ ସମ୍ପର୍କ ଉପରେ ଧ୍ୟାନକେନ୍ଦ୍ରିକତା ସହିତ ଗ୍ରାହକ ଅନୁଭୂତି କ୍ଷେତ୍ରରେ ଏକ ନୂତନ ଛାପ ସୃଷ୍ଟି କରିଛି। ଇନ୍ଦ୍ରଧନୁ ମାର୍କେଟ ଠାରେ ଏହି ଫ୍ଲାଗସିପ ନେକ୍ସଟ-ଜେନ ଏୟାରଟେଲ ଷ୍ଟୋରର ଉନ୍ମୋଚନ ସହିତ ଏୟାରଟେଲ ପକ୍ଷରୁ ଓଡ଼ିଶାରେ ବର୍ତ୍ତମାନ ତିନୋଟି ଷ୍ଟୋର ରହିଛି (ଅନ୍ୟାନ୍ୟ ଷ୍ଟୋର ହେଉଛି ଭୁବନେଶ୍ୱରସ୍ଥିତ ସହିଦନଗର ଏବଂ ବ୍ରହ୍ମପୁରରେ)। ଆଗାମୀ ମାସଗୁଡ଼ିରେ ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକରେ ଏୟାରଟେଲ ଆହୁରି ଅଧିକ ନେକ୍ସଟ-ଜେନ ଷ୍ଟୋର ଖୋଲିବାର ଯୋଜନା ରଖିଛି। ଏହା ସମ୍ପର୍କରେ ଭାରତୀ ଏୟାରଟେଲ, କର୍ଣ୍ଣାଟକ ଏବଂ ଓଡ଼ିଶା-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରେନ୍ଦ୍ରନ କହିଛନ୍ତି ଯେ, '' ଓଡ଼ିଶାରେ ଆମର ତୃତୀୟ ନେକ୍ସଟ-ଜେନ ଷ୍ଟୋର ଉନ୍ମୋଚନ କରି ଏବଂ ଆମର ଗ୍ରାହକମାନଙ୍କ ପାଇଁ ଉନ୍ନତ ମାନର ରିଟେଲ ଅନୁଭୂତି ନେଇ ଆଣି ଆମେ ବେଶ ଆନନ୍ଦିତ। ଏହି ନେକ୍ସଟ-ଜେନ ଫର୍ମାଟ ଜରିଆରେ ଏହି ସମ୍ପର୍କ ପାଇଁ ଆମେ ବିଶେଷ ଜ୍ଞାନ ଏବଂ କୌଶଳ ନେଇଆସିଥିବାବେଳେ ଅଭିନବତା ଓ ଉଲ୍ଲେଖନୀୟ ଗ୍ରାହକସେବା ଯୋଗାଇଦେବା ପାଇଁ ଆଶା ରଖିଛୁ।''ଏହି ନେକ୍ସଟ-ଜେନ ଏୟାରଟେଲ ଷ୍ଟୋର ୟୁକେ ଆଧାରିତ ୮ ଇଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଡିଜାଇନ ଦୃଷ୍ଟିରୁ ଏହି ଷ୍ଟୋରଗୁଡ଼ିକ ଖୋଲା ଓ ଅତି କ୍ଷୁଦ୍ର ହୋଇଥିବାବେଳେ ଏହା ଗ୍ରାହକ ଓ ବ୍ରାଣ୍ଡ ମଧ୍ୟରେ ଥିବା ସମସ୍ତ ବ୍ୟବଧାନକୁ ଦୂର କରିଦେଇଥାଏ। ଏହାବାଦ ଏହାର ସେୟାର, କ୍ରିଏଟ ଏବଂ ଏକ୍ସପିରିଏନ୍ସ ଚିନ୍ତାଧାରା ମାଧ୍ୟମରେ ଗ୍ରାହକଙ୍କ ଅନୁଭୂତିକୁ ଉନ୍ନତ ରୂପେ ସମର୍ଥ କରାଇବା ପାଇଁ ଉନ୍ନତ ତଥା ଆଧୁନିକ ଟେକ୍ନୋଲୋଜିର ବ୍ୟବହାର କରିଥାଏ। ଏୟାରଟେଲର କର୍ମଚାରୀମାନେ 'ଏୟାରଟେଲ ଫ୍ରେଣ୍ଡସ' ଭାବେ ପରିଚିତ ଯେଉଁମାନଙ୍କୁ ଏକ ଦକ୍ଷ ଏବଂ ଉତ୍ତମ ଅନୁଭୂତି ସେବା ଯୋଗଇଦେବା ନିମନ୍ତେ ସମର୍ଥ କରାଯାଇଥାଏ। ସମ୍ପୂର୍ଣ୍ଣ ରୂପେ ପେପରଲେସ ଏହି ଷ୍ଟୋର ଏହାର କଥୋପକଥନ ହବ୍ ପାଇଁ ଗର୍ବିତ ଯେଉଁଠାରେ ଏହାର ''ଏୟାରଟେଲ ଫ୍ରେଣ୍ଡ'' ଙ୍କ ସହିତ ଏୟାରଟେଲର ଗ୍ରାହକମାନେ ନିଜର ଯେକୌଣସି ପ୍ରଶ୍ନ ସମ୍ପର୍କରେ ଆରାମରେ କଥାହୋଇପାରିବେ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray